# ପ୍ରଭୁଭୋଜ

…ମୋ ଗଳାରେ ଆରିଜୋନାରେ କରିଥିବା ଅନେକ, ପନ୍ଦର ଗୋଟି ସେବା ଯୋଗୁ। ଏକ ଅଦ୍ଭୁତ ସମୟ ରହିଥିଲା। ପ୍ରଭୁ ଯୀଶୁ ଆମକୁ କେବଳ ଅତ୍ୟଧିକ ଭାବେ, ପ୍ରଚୁର ମାତ୍ରାରେ ଆଶୀର୍ବାଦ କରିଥିଲେ। ସେମାନେ ପ୍ରଭୁଙ୍କର ରଣନୀତିରୁ ଅଳ୍ପ ଟିକିଏ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରିଥିଲେ, ମୁଁ ଏହା ବିଶ୍ୱାସ କରେ ଯେ, ଏହାକୁ ସେହିପରି ଭାବରେ ଉପସ୍ଥାପିତ କରିବାରେ ତାହା ସଠିକ୍ ଉପାୟ ହେବ, ଯେ ପ୍ରଥମେ, ଭିତରକୁ ଯାଇ ଆରମ୍ଭିକ ଅଗ୍ନି-ପ୍ରଜ୍ୱଳିତ କରିବା। ମୁଁ ସମୟ ପୂର୍ବରୁ ଅନେକ ଦିନ ଆଗରୁ ଯାଇଥିଲି, ସମଗ୍ର ଫିନିକ୍ସରେ ସମସ୍ତ ପ୍ରମୁଖ ବଡ ବଡ଼ ମଣ୍ଡଳୀରେ ଦଶ କିମ୍ବା ବାରଟି ସେବା କରିଥିଲି, ସନ୍ନିସ୍ଲୋପ୍ ଏବଂ ଟେମ୍ପେ ଏବଂ ମେସା ଏବଂ ସେଠାରେ ତଳେ ସମଗ୍ର ସ୍ଥାନରେ, ଏବଂ ଏକ ପ୍ରକାରେ ଚାରିଆଡେ ପ୍ରାରମ୍ଭିକ ଅଗ୍ନି-ପ୍ରଜ୍ୱଳିତ କରିଥିଲି ଏବଂ ତାହାପରେ ଏହାକୁ ସମସ୍ତଙ୍କୁ ପାଞ୍ଚୋଟି ରାତିର ସମ୍ମିଳନୀକୁ କଢାଇ ନେଇଥିଲି। ଏବଂ ଏହା ଉତ୍ତର ଆମେରିକାରେ ଆମେ କରିଥିବା ସବୁଠାରୁ ବଡ ସମ୍ମିଳନୀ ଥିଲା। ଏହା ବହୁତ ବଡ ସମ୍ମିଳନୀ ଥିଲା। ସବୁଠୁ ବଡ ଜଳପାନ ବ୍ୟବସ୍ଥା, ଏବଂ—ଏବଂ ପୁଣି ସେହି ରାତିରେ ସେହି—ସେହି ସମୂହ ଭୋଜ ବ୍ୟବସ୍ଥା।

2 ମୁଁ ଏହା କେବଳ କହିପାରେ ନାହିଁ ଯେ ତାହା କେତେ ଜଣ ଥିଲେ ଯେଉଁମାନେକି ପବିତ୍ରଆତ୍ମା ଗ୍ରହଣ କରିଥିଲେ। ଏହା ଅତ୍ୟନ୍ତ—ଏହା ଅତ୍ୟନ୍ତ ଜବରଦସ୍ତ ଥିଲା ଯେ କେତେଜଣ ପବିତ୍ରଆତ୍ମା ପ୍ରାପ୍ତ କରିଥିଲେ, ଏବଂ କେତେ ଜଣ ସୁସ୍ଥ ହୋଇଥିଲେ ଏବଂ—ଏବଂ ଉଦ୍ଧାରପ୍ରାପ୍ତ ହୋଇଥିଲେ, ଏହା—ଏହା ତ କେବଳ ଏକ ଚମତ୍କାର ବିଷୟ ଥିଲା। ତେଣୁକରି ଆମେମାନେ ପରମେଶ୍ୱରଙ୍କଠାରେ କୃତଜ୍ଞ ଅଟୁ ଯେତେବେଳେ ଆମେ ସମୟକୁ ଅଗ୍ରସର ହେଉଥିବାର ଦେଖୁ। ଅନେକ ମହାନ ବ୍ୟକ୍ତିମାନେ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ…

3 ଏହା ଭାଇ ନେଭିଲ୍‌ଙ୍କ ପକ୍ଷରେ ବହୁତ ଲାଭ କରିବ। ମୁଁ ଜଣେ ପ୍ରେସ୍‌ବିଟେରିଆନ୍ ସେବକଙ୍କୁ, ଏହି ଦେଶରେ ସର୍ବଶ୍ରେଷ୍ଠ ପ୍ରେସ୍‌ବିଟେରିଆନ୍…ବିଦ୍ୟାଳୟ ମଧ୍ୟରୁ ଗୋଟିଏ, ଆତ୍ମାରେ ନାଚୁଥିବାର ଦେଖିଲି। ଓଃ, ମୋର ପ୍ରଭୁ, ଏହା ପ୍ରକୃତରେ କିଛି ଗୋଟାଏ ଥିଲା, ସେ ପବିତ୍ରଆତ୍ମା ପ୍ରାପ୍ତ ହୋଇଥିଲେ। ଏବଂ ତାହାପରେ ସେ ମୋତେ କହିଥିଲେ, ସେ କହିଲେ, "ମୁଁ ଆପଣଙ୍କର ଗୋଟିଏ ଟେପ୍ ପାଇଛି।" କହିଲେ, "ଏହା ବହୁତ ଭଲ ନ ଥିଲା।" କହିଲେ, "ଏହା କେବଳ ଏକ ପ୍ରକାର ଉଚ୍ଚ ନୀଚ ହେଉଥିଲା, ମାତ୍ର," କହିଲେ, "ମୁଁ ଏହାକୁ ଠିକ ମୋ ବିଦ୍ୟାଳୟକୁ ନେଇକରି ଗଲି ଏବଂ ତାକୁ ବଜାଇଲି।" ଏବଂ କହିଲେ… ସେଠାକାର ମନୋବିଜ୍ଞାନର ମହାନ ବ୍ୟକ୍ତି ହୋଇଥିବା ହେତୁରୁ, ସେ ସମସ୍ତଙ୍କୁ ନୀରବ ରଖିଥିଲେ। "ତେବେ, ସେମାନଙ୍କୁ ଏହାକୁ ଯେକୌଣସି ଉପାରେ ବି, ଥରେ ଶୁଣିବା କଥା," ସେ କହିଥିଲେ। ଏବଂ ସେ କହିଲେ ଯେ ତାଙ୍କର ରହିଥିଲା…

4 ଏବଂ ସେ କହିଥିଲେ ଯେ ସେ ପବିତ୍ରଆତ୍ମା ପାଇବା ପରେ, ତାଙ୍କ ମଣ୍ଡଳୀରେ ଆତ୍ମାରେ ନାଚିବାକୁ ଲାଗିଲେ, ଏବଂ ସେମାନେ କହିଥିଲେ, "ଅତି ସମ୍ମାନୀୟ, ଆପଣ କେବେ ଏକ ନୂତନ ନୃତ୍ୟ ଶୈଳୀକୁ ଶିଖିବାକୁ ଯାଉଅଛନ୍ତି?"

5 ସେ କହିଲେ, "ଯେତେବେଳେ ମୋର ମଣ୍ଡଳୀ ଏହି ଗୋଟିଏ ବିଷୟ ଶିଖିଯାଏ।" ଭାବୁଥିଲି ଯେ ଏହା ବହୁତ ସୁନ୍ଦର ଥିଲା, ଆପଣ ଜାଣନ୍ତି, ପ୍ରେସ୍‌ବିଟେରିଆନ୍ ପଦାନୁକ୍ରମ, ହଁ, କହିଥିଲେ, "ଯେତେବେଳେ ମୋର ମଣ୍ଡଳୀ ଏହି ଗୋଟିଏ ବିଷୟ ଶିଖିଯାଆନ୍ତି।" ତେଣୁ ତାହା ଏକ ଭଲ କଥା ଅଟେ। ଠିକ ଗୋଟିଏ ଛୋଟ ଶିଶୁ ପରି, କେବଳ ନୂତନ ଭାବରେ ଏବଂ ତଥାପି ସେ ରହିଥାଆନ୍ତି...ତେବେ, ଆପଣ ଜାଣନ୍ତି ଯେ ତାଙ୍କୁ ବୋଷ୍ଟନର ସର୍ବଶ୍ରେଷ୍ଠ ପ୍ରେସ୍‌ବିଟେରିଆନ୍ ବିଦ୍ୟାଳୟରେ, ମନୋବିଜ୍ଞାନର ଅଧ୍ୟାପକ ହେବା ପାଇଁ କଅଣ ହେବାକୁ ପଡ଼ିଥାଏ, ତେବେ, ଏହା ଆମେରିକାରେ ଅଟେ।

6 ମୁଁ ମାୟୋର ଜଣେ ହୃଦୟ ଅସ୍ତ୍ରୋପଚାରକ ଡାକ୍ତରଙ୍କୁ ଆତ୍ମାରେ ପରିପୂର୍ଣ୍ଣ ହୋଇ ସୁସମାଚାର ପ୍ରଚାର କରୁଥିବାର ଏବଂ ପରଭାଷାରେ କଥା କହୁଥିବାର ଦେଖିଅଛି। ହେ, ମୋର ପ୍ରଭୁ! ମୁଁ ଅନ୍ୟ ଜଣେ ବିଶେଷଜ୍ଞଙ୍କୁ ଦେଖିଅଛି, ଯିଏକି ଜଣେ ସେଭେନ୍ଥ-ଡ଼େ ଆଡଭେଣ୍ଟିଷ୍ଟ ଥିଲେ, ସେଥିରୁ...ସେ ଜଣେ—ଜଣେ—ଜଣେ ହୃଦୟ ଏବଂ ଗଳାର ବିଶେଷଜ୍ଞ ଥିଲେ, ଏବଂ ସେ, ଜଣେ ବୃଦ୍ଧ ବ୍ୟକ୍ତି ହୋଇଥିବା ସତ୍ତ୍ୱେ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପ୍ରାପ୍ତ କରିଥିଲେ। ସେ ଏହାକୁ ପ୍ରାପ୍ତ କରିଥିଲେ। ଦିନେ ରାତିରେ ମୁଁ ବାହାରେ ପ୍ରାଙ୍ଗଣରେ ତାଙ୍କ ଉପରେ ହାତ ରଖିଥିଲି, ଏବଂ ସେ ପବିତ୍ରଆତ୍ମା ପାଇଥିଲେ। ତେଣୁ ଆମେମାନେ... କେବଳ ଏତେ ଗୁଡ଼ିଏ ବିଷୟ ଅଛି ଯାହାକି ଆମମାନଙ୍କ ପ୍ରଭୁ କରିଥିଲେ ଯେଉଁଥିପାଇଁକି ଆମେମାନେ କୃତଜ୍ଞ ଅଟୁ, ଏବଂ ବିଶେଷକରି ଯେତେବେଳେ ଏହି ସମୟକୁ ଦେଖୁଅଛୁ।

7 ତାହାପରେ ମୁଁ ସେମାନଙ୍କୁ କହିଲି, "କଅଣ ଆପଣ ଏହା ହୃଦୟଙ୍ଗମ କରିପାରୁଛନ୍ତି ଯେ ଏହା କେଉଁ ସମୟ ଅଟେ ଯେତେବେଳେକି ସେହି ଶୁପ୍ତ କୁମାରୀମାନେ ତେଲ ମାଗିବାକୁ ଆରମ୍ଭ କରନ୍ତି?" ଏହା ସେହି ସମୟ ଥିଲା ଯେତେବେଳେକି ବର ଆସିଥିଲେ, ଏବଂ ଲୋକମାନେ, ପ୍ରସ୍ତୁତ ଥିବା ଲୋକମାନେ ଭିତରକୁ ପ୍ରବେଶ କରି ଯାଇଥିଲେ। ଓଃ, ମୁଁ ଏହା ଜାଣିବା ହେତୁ ବହୁତ ଖୁସି ଯେ ଆମେମାନେ ଏହି ଶେଷ ଦିନରେ ଏଠାରେ ବାସ କରୁଅଛୁ। ବୁଝିଲେ? ମୁଁ ବିଶ୍ୱାସ କରେ ଯେ ଆମେମାନେ ଅତ୍ୟନ୍ତ ଜବରଦସ୍ତ ସମୟଗୁଡିକ ମଧ୍ୟରୁ ଗୋଟିକରେ ବାସ କରୁଅଛୁ ଯାହାକି ଜଗତ କେବେ ଜାଣିଅଛି, ଯାହାକି ପ୍ରଭୁଙ୍କର ଆଗମନ ଠିକ ପୂର୍ବରୁ ଅଟେ। କଅଣ ତାହା ଆଶ୍ଚର୍ଯ୍ୟଜନକ ନୁହେଁ କି? ଚିନ୍ତା କରନ୍ତୁ, ଯେ ବର୍ତ୍ତମାନ ଯେକୌଣସି ସମୟରେ, ସମସ୍ତ ଶାସ୍ତ୍ର ପ୍ରାୟଃ ପ୍ରାୟଃ ସଫଳ ହୋଇଅଛି! ଏବଂ ତେଣୁକରି ଆମେମାନେ ଯେକୌଣସି ମୁହୂର୍ତ୍ତରେ ତାହାଙ୍କୁ ଆଶା କରୁଅଛୁ। ଏବଂ ଆମେମାନେ ସେହି ପ୍ରକାରର ଆଶା ଅଧୀନରେ ରହିବା ଉଚିତ, ଯେ, ତାହା ଯେକୌଣସି ସମୟରେ ଘଟିତ ହୋଇପାରେ। ପ୍ରାର୍ଥନା କରାଇ ନିଅନ୍ତୁ, ପ୍ରସ୍ତୁତ ରୁହନ୍ତୁ!

8 ଆଜି କେତେକ ସାକ୍ଷାତକାର ମଧ୍ୟରୁ କେତୋଟିରେ, ମୁଁ, ଜଣେ, ମୁଁ ଫର୍ମୋସରୁ ଆସିଥିବା ଜଣେ ମିଶନାରୀ, ସାହସିକ ମହିଳାଙ୍କୁ ଭେଟିଥିଲି, ତେ-ସ୍ତୁରି ବର୍ଷ ବୟସ୍କ, ଏବଂ ପ୍ରାୟଃ ପଇଁ-ଚାଳିଶ ବର୍ଷ ବୟସ୍କ ପରି ଲାଗୁଥିଲେ । ଏବଂ ସେ ଏବେ ସୁଦ୍ଧା ଜଣେ—ଜଣେ ଅବିବାହିତ ଅଟନ୍ତି, ଏବଂ ନିଶ୍ଚିତ ଭାବରେ ଏକ ସୁନ୍ଦର ଯୁବତୀ ହୋଇଥିବେ । ଏବଂ ସେ କହୁଥିଲେ ଯେ ସେ ଏକ ଖ୍ରୀଷ୍ଟିଆନ ଘରେ ପାଳିତ ହୋଇଥିଲେ ଯେଉଁଠାରେକି "ହଁ" ଅର୍ଥ ହଁ, ଏବଂ "ନା" ଅର୍ଥ ନା ଅଟେ । ଏବଂ ସେ ସେହି କଠୋର ଶିକ୍ଷା ଅଧୀନରେ ପାଳିତ ହୋଇଥିଲେ । ଏବଂ ସେ କହିଲେ, "ଭାଇ ବ୍ରାନହାମ୍, ପ୍ରାୟଃ ସେହି ବୟସରେ, ଓଃ," କହିଲେ, "ପ୍ରାୟଃ ଆଠ ବର୍ଷ ବୟସରେ, ମୁଁ ଭାବେ ଯେ ମୁଁ ମୋର ଜୀବନ ପ୍ରଭୁ ଯୀଶୁଙ୍କୁ ଦେଇଥିଲି ।" ସେ କହିଲେ, "ପ୍ରାୟଃ ବାର ବର୍ଷ ବୟସରେ, ମୁଁ ଏକ ନିର୍ଦ୍ଦିଷ୍ଟ ନାମଧାରୀ ସେବକଙ୍କ ଦ୍ୱାରା ପ୍ରଲୋଭିତ କରା ହୋଇଥିଲି, ଯେ ମୋତେ ନିଶ୍ଚିତ ଭାବରେ ଦ୍ୱିତୀୟ ଆଶୀର୍ବାଦ ପାଇବାକୁ ଅଛି," ଏବଂ କହିଲେ, "ଏବଂ ଏଥି ଭିତରକୁ ଅତିଶୟ ଭାବେ ପ୍ରତାରିତ କରା ଯାଇଥିଲି ।" ମାତ୍ର ସେ କହିଲେ, "ପ୍ରାୟଃ ସତର ବର୍ଷ ବୟସରେ, ମୁଁ ପ୍ରକୃତରେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରିଥିଲି ।" ଏବଂ ସେହି ମହିଳା ବର୍ତ୍ତମାନ ଏହି ଶୁପ୍ତ ଥିବା ବାପ୍ଟିଷ୍ଟ ମଣ୍ଡଳୀଗୁଡିକ ମଧ୍ୟରୁ କେତେକେଙ୍କୁ ଜାଗ୍ରତ କରିବାକୁ ଚେଷ୍ଟା କରୁଛନ୍ତି । ସେ କହିଥିଲେ ଯେ ଯଦି—ଯଦି ଏପରି କିଛି ବିଷୟ ଥିଲା ଯାହାକି ସେ "ମୃତ" ବୋଲି ଦେଖିଥିଲେ, ସେ ନିଜେ ଜଣେ ବାପ୍ଟିଷ୍ଟ ଅଟନ୍ତି, ସେ କହିଥିଲେ, "ତାହା ଏଠାରେ ଏହି ମୃତ ବାପ୍ଟିଷ୍ଟ ମଣ୍ଡଳୀଗୁଡ଼ିକ ଥିଲେ ।" ସେ ସେମାନଙ୍କୁ "ଶବଗୃହ" ବୋଲି କହିଥିଲେ ।

9 ମୁଁ କହିଲି, "ତେବେ, ମୁଁ ଅନୁମାନ କରେ ଯେ ଯେତେବେଳେ ଆପଣ ଯୁଦ୍ଧକ୍ଷେତ୍ରରେ ଥାଆନ୍ତି…" ମୁଁ ଭାବୁଛି ଯେ ବର୍ତ୍ତମାନ ସେ…କେବଳ ଚିନ୍ତା କରନ୍ତୁ, ମୁଁ, ବା-ବନ, ମୋର ଜନ୍ମ ହେବା ପୂର୍ବରୁ ସେ ଜଣେ ମିଶନାରୀ ଭାବରେ ସେଠାରେ ବାହାରେ ରହି ଆସିଥିଲେ । ଏବଂ ତାହାପରେ ମୁଁ ଭାବୁଥିଲି ଯେ ମିଶନ କ୍ଷେତ୍ରକୁ ଯିବା ପାଇଁ ମୁଁ ବହୁତ ବୃଦ୍ଧ ହୋଇ ଯାଇଅଛି । ଏବଂ ମୁଁ ଭାବୁଥିଲି, "ହେ, ମୋର ପ୍ରଭୁ, ମୋତେ କ୍ଷମା କର ।"

10 ଏବଂ ସେ, ଉତ୍ତମ ଭାବରେ, ଯେତିକି ଉଜ୍ଜ୍ୱଳ ଏବଂ ବୁଦ୍ଧିମାନ ହୋଇପାରନ୍ତି ସେତିକି ଥିଲେ । ଏବଂ ତାହାପରେ ମୋତେ ମାର୍ଗର ଅନୁଭୂତିଗୁଡାକ କହୁଥିଲେ, ଏବଂ କିପରି ଯେ ଫର୍ମୋସାରେ ସୁସମାଚାରର ପ୍ରୟୋଜନ ରହିଥିଲା ଏବଂ—ଏବଂ ଚୀନ୍, ଏବଂ ଜାପାନ, ଇତ୍ୟାଦିରେ ରହିଥିଲା । ତେଣୁକରି ସେମାନେ ତାଙ୍କୁ ମିଶନ କ୍ଷେତ୍ରରୁ ଫେରାଇ ଦେଇ, କହିଥିଲେ, "ଆପଣ ସତୁରି ବର୍ଷ ଅତିକ୍ରମ କରିବା ପରେ ଆଉ ମିଶନ କ୍ଷେତ୍ରକୁ ଯାଇପାରନ୍ତି ନାହିଁ, ଆପଣ ଜାଣନ୍ତି ।" ତେଣୁକରି ସେମାନେ ତାଙ୍କୁ ପଠାଇ ଦେଇଥିଲେ । ମାତ୍ର ସେ ସ୍ଥିର ହୋଇ ବସିବାକୁ ଯାଉ ନାହାଁନ୍ତି, ସେ ଏହି ସମସ୍ତ ବାପ୍ଟିଷ୍ଟ ସମ୍ମିଳନୀଗୁଡିକୁ ଯାଉଛନ୍ତି । ଏବଂ ସେ କହିଲେ, "ବିଲି ଗ୍ରାହାମ୍," କହିଲେ, "ସେ ଯେଉଁ ପ୍ରକାରେ ବାପ୍ଟିଷ୍ଟ ବାର୍ତ୍ତାକୁ ବହନ କରୁଅଛନ୍ତି, ତାହା ବାପ୍ଟିଷ୍ଟ ମଣ୍ଡଳୀ ପାଇଁ ଏକ ରୁଣ ଅଟେ ।" କହିଥିଲେ, "ସେ ସେମାନଙ୍କୁ ପବିତ୍ରଆତ୍ମା ପ୍ରାପ୍ତ କରାଇବା ହେତୁ ଯଥେଷ୍ଟ ଦୂରକୁ ନେଇଯାଆନ୍ତି ନାହିଁ," ସେ କହିଲେ ।

ହେ ଭଉଣୀ, ଆପଣ ଠିକ ତାହା ସହିତ ରହିଥାଆନ୍ତୁ । ତାହା ଠିକ୍ ଅଟେ । ସେ କହିଲେ, ସେଠାରେ ରହିଥିବା ସେହି ଚିନ୍‌ର ଲୋକମାନେ, କହିଥିଲେ ଯେ ସେ ସେମାନଙ୍କୁ କେବଳ ଏହା କହିବାକୁ ଦେଇ ଛାଡି ଦିଅନ୍ତି ନାହିଁ, “ଆମେ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରୁ ।” କହିଲେ, “ତାହା ଠିକ୍ ଅଟେ,” ମାତ୍ର କହିଥିଲେ ଯେ କିଛି ଗୋଟାଏ ବିଷୟ ନ ହେବା ପର୍ଯ୍ୟନ୍ତ ସେ ସେମାନଙ୍କୁ ସେଠାରେ ରହିବାକୁ ବାଧ୍ୟ କରିଥାଆନ୍ତି, ଏବଂ ତାହାପରେ ଯାଇ ସେମାନେ ପ୍ରକୃତ ଖ୍ରୀଷ୍ଟିଆନ ହୋଇଥାଆନ୍ତି ।

11 ମୁଁ କହିଲି, “ଭଉଣୀ, ଏହା ସେହି ପ୍ରକାର ହିଁ ଅଟେ । ସେମାନଙ୍କୁ କେବଳ କୁହନ୍ତୁ, ସେମାନେ କିଛି ଗୋଟାଏ ବିଷୟ ନ ହେବା ପର୍ଯ୍ୟନ୍ତ ସେଠାରେ ରହିଥାଆନ୍ତୁ ।”

12 କଅଣ ହୋଇଥାଆନ୍ତା ତେବେ, ଯଦି ନଅ ଦିନ ପରେ, ପ୍ରେରିତମାନେ କହିଥାନ୍ତେ, “ଆମେମାନେ ବିଶ୍ୱାସ କରୁ ଯେ ଆମେମାନେ ଏହା ପାଇଅଛୁ, ଦେଖନ୍ତୁ, ଆସନ୍ତୁ ଏହାକୁ କେବଳ ବିଶ୍ୱାସ ଦ୍ୱାରା ଗ୍ରହଣ କରିବା ଏବଂ ଆମମାନଙ୍କ କାର୍ଯ୍ୟ ସହିତ ଆଗକୁ ବଢିଯିବା”? ଦେଖନ୍ତୁ, ଏହା କଦାପି କାମ କରି ନ ଥାଆନ୍ତା । ସେମାନେ ସେଠାରେ ସେପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଯେପର୍ଯ୍ୟନ୍ତ କିଛି ଗୋଟାଏ ସେଠାରେ ଘଟି ନ ଗଲା । ଏବଂ ତାହାହିଁ ହେଉଛି ଅସୁବିଧା ଯାହାକି ଆଜି ଆମର ଅଟେ, ଯେ ଆମେ ଯଥେଷ୍ଟ ସମୟ ଧରି ରହି ନ ଥାଉ । ତେବେ, ତାହାହିଁ ସେହି କାରଣ ଯେ ଆମେ ପରେ କେବଳ ଯେକୌଣସି ପ୍ରକାରର ଏକ ଜୀବନ ଅତିବାହିତ କରୁ ଥାଇପାରୁ, କିଛି ବି ବିଷୟ କରିପାରୁ, ତାହା ଆମକୁ ବ୍ୟତିବ୍ୟସ୍ତ କରେ ନାହିଁ, କାରଣ ଆମେ ଯଥେଷ୍ଟ ସମୟ ଧରି ରହି ନ ଥାଉ । ଆଜି ଆମେମାନେ ସହମତ ଥାଉ, ଆସନ୍ତାକାଲି ଆମେମାନେ ଅସହମତ ଥାଉ, ଏବଂ ଏହି ଉପାୟରେ ପୁଣି ସେହି ଉପାୟରେ ଅଟୁ । ଯଦି ଆମେମାନେ ଯଥେଷ୍ଟ ସମୟ ଧରି ରହିବା ଯେପର୍ଯ୍ୟନ୍ତକି ଆପଣ ଭିତରକୁ ଆସି ନ ଯାଆନ୍ତି ଏବଂ ଆପଣଙ୍କ ପଛରେ ଦ୍ୱାର ବନ୍ଦ ନ ହୋଇଯାଏ, ତାହାହେଲେ ତେବେ ଆପଣ ସେଠାରେ ରହିବାକୁ ଯାଉଅଛନ୍ତି । ମୁକ୍ତିର ଦିବସ ପର୍ଯ୍ୟନ୍ତ ଆପଣ ମୁଦ୍ରାଙ୍କିତ ହୋଇଥାଆନ୍ତି । ମୁଁ ଏଥିପାଇଁ ବହୁତ ଖୁସି ଅଟେ ।

13 ଏବଂ ଯେପରି ମୁଁ କହିଥିଲି, ଆମର ଫିନିକ୍ସଠାରେ ଏବଂ ଉପତ୍ୟକା ମଧ୍ୟରେ ଏକ ବହୁତ ଉତ୍ତମ ସମୟ ରହିଥିଲା, ଏବଂ ସେଠାରେ ଥିବା ଅନେକ ଖ୍ରୀଷ୍ଟିଆନମାନେ, ସେମାନଙ୍କ ମଧ୍ୟରୁ ଅନେକେ ତ ତାଙ୍କର ପ୍ରିୟ ଜୀବନକୁ ଧରି ରହିଥାଆନ୍ତି ।

14 ମୁଁ ଦକ୍ଷିଣ ପର୍ବତ ଉପରକୁ ଗଲି, ସେଠାରେ ପଛରେ ପତ୍ନୀ ଥିଲେ, ଏବଂ ମୁଁ । ଦିନେ ଯେତେବେଳେ, ସାଙ୍ଗମାନେ, ମୋ ଭାଇ, ଡକ୍, ଦୁଇ ଝିଅଙ୍କୁ ରଖି ପକାଇଲେ, ଏବଂ— ଏବଂ ଭାଇ ଏବଂ ଭଉଣୀ ଉଡ ପୁଅଟିକୁ ରଖି ପକାଇଲେ, ଏବଂ ମୁଁ ଓ ମୋର ପତ୍ନୀ ଦ୍ୱିତୀୟ ମଧୁଚନ୍ଦ୍ରିକା ନିମନ୍ତେ ଯାଇଥିଲୁ । ଏବଂ ସେ କହିଥିଲେ, “ବିଲ୍, ତୁମେ ଜାଣ, ଏହି ଗୋଟିକ ପ୍ରଥମ ଅପେକ୍ଷା ଅଧିକ କିଛି ଏକ ମଧୁଚନ୍ଦ୍ରିକା ପରି ଲାଗିଥିଲା ।” ସେ କହିଲେ, “ପ୍ରଥମ ଥର ଯେତେବେଳେ ଆମେ ମଧୁଚନ୍ଦ୍ରିକା ନିମନ୍ତେ ଯାଇଥିଲୁ, କେବଳ ଗୋଟିଏ ବିଷୟ ଯାହା ମୁଁ

କରିଥିଲି ତାହା ହେଉଛି ଶିବିରରେ ବସି ରହିବା ଓ ତୁମକୁ ଶିକାରରୁ ଫେରି ଆସିବା ପାଇଁ ଅପେକ୍ଷା କରିବା," ସେ କହିଥିଲେ।

15 ମୁଁ ଏକ ପ୍ରକାର ଗୋଟିଏ ଛୋଟ ରଣନୀତି ବ୍ୟବହାର କରିଥିଲି, ଆପଣମାନେ ଜାଣନ୍ତି। ମୁଁ ଭାବିଥିଲି, "ତେବେ, ବର୍ତ୍ତମାନ, ମୋର ପାଖରେ ଅଧିକ ଟଙ୍କା ନାହିଁ।" ଏକ ବେକିଂ ପାଉଡର ଡବାରେ ସଞ୍ଚୟ କରି ରଖିଥିଲି, ତାହା ଗୋଟିଏ ଶିକାର ପରିଭ୍ରମଣରେ ଯିବା ହେତୁ ଯଥେଷ୍ଟ ଥିଲା, ଏବଂ ତଥାପି ମୁଁ ସେହି ହେମନ୍ତ ଋତୁରେ ବିବାହ କରିବାକୁ ଯାଉଥିଲି। ତେଣୁକରି ମୁଁ ଭାବିଲି, "ଏହାସବୁକୁ କେବଳ ଏକାଠି କରିବି," ଆପଣ ଜାଣନ୍ତି। ଏବଂ—ଏବଂ ଯେତେବେଳେ ମୁଁ ଏକ ଶିକାର ପରିଭ୍ରମଣରେ ଯାଉଥିଲି, ଏହା ସେହି ମଧୁଚନ୍ଦ୍ରିକା ହିଁ ହେବ, ଆପଣମାନେ ଜାଣନ୍ତି, ଏବଂ ତେଣୁକରି ଆମେମାନେ ଏକାଠି କରି ଦେଇଥିଲୁ। ମାତ୍ର ଏଥରକ ଆମେମାନେ ଏଥିପାଇଁ ଦେୟ ଦେଲୁ ଏବଂ ବାସ୍ତବରେ ବାହାରକୁ ଗଲୁ, ଏବଂ, କାହିଁକି, ବହୁତ ଉତ୍ତମ ସମୟ ଅତିବାହିତ ହୋଇଥିଲା।

16 ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଏଠାରେ ଥିବା ଆରାଧନାଳୟରୁ ଆସି ଅଛନ୍ତି। ମୁଁ ବିଶ୍ୱାସ କରେ ଯେ ଭାଇ ସୋଥମ୍ୟାନ୍, ତାଙ୍କ ପରିବାର ସେଠାରେ ଅଛନ୍ତି, ଏବଂ ଭାଇ ଟମ୍ ସିମ୍ପସନ୍ ଏବଂ ସେମାନେ, ଏବଂ ଭାଇ ମାଗୁଏର୍, ଏବଂ ଆମେମାନେ ସମସ୍ତେ ପ୍ରଭୁଙ୍କଠାରେ ବହୁତ ଉତ୍ତମ ସମୟ ଅତିବାହିତ କରିଥିଲୁ।

17 ଏବଂ ତେଣୁକରି ଆମେମାନେ ଦକ୍ଷିଣ ପର୍ବତ ଉପରକୁ ଗଲୁ, ଯାହାକି ଫିନିକ୍ସର ଠିକ ଦକ୍ଷିଣରେ ଅବସ୍ଥିତ ଅଟେ, ଏବଂ ସେହି ଚାପରୁ ଦୂରକୁ ଚାଲି ଯାଇଥିଲୁ। ଉଃ! ଗୋଟିଏ ଆଧୁନିକ ସହରରେ ଏକ ଚାପ! ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଯେତେବେଳେ ଲୋକମାନେ ପୃଥିବୀରେ ବହୁଗୁଣିତ ହେବାର ଆରମ୍ଭ କରିଥିଲେ, ସେତେବେଳେ ପାପ, ଏବଂ ହିଂସା ବଢିବାକୁ ଲାଗିଲା। ଏବଂ ମୁଁ ସେଠାରେ ଉପରକୁ ଅନାଇଲି, ଏବଂ ଅତି ଉଚ୍ଚରେ ବସି ରହିଲି ଯେପରିକି ଆମେ ଫିନିକ୍ସର ଉପତ୍ୟକା ଦେଖିପାରିବୁ, ମୁଁ ପତ୍ନୀଙ୍କୁ କହିଲି, "ଆଶ୍ଚର୍ଯ୍ୟ କରେ ଯେ କେତେ ଥର, ଯେତେବେଳେକି ଏହି ପନ୍ଦର ମିନିଟ ହେଲାଣି ଆମେମାନେ ଏଠାରେ ବସି ରହିଛୁ, ଯେ ସେହି ସହରରେ ପ୍ରଭୁଙ୍କ ନାମ ବୃଥାରେ ନିଆ ଯାଇଥିବ?" ହମ୍?

18 ପ୍ରାୟଃ, ତେବେ, ମହାନଗର କ୍ଷେତ୍ରରେ, ଟେମ୍ପେ ଏବଂ—ଏବଂ ସନ୍ନିସ୍ଲୋପ୍ ନଗରଗୁଡିକୁ ନେଇ, ଏବଂ ସେଠାରେ ତାହା ଦେଇ, ମୁଁ ଅନୁମାନ କରେ ଯେ ସେହି ଉପତ୍ୟକାରେ ଦଶ ଲକ୍ଷ ଲୋକମାନେ ଅଛନ୍ତି। ମୁଁ କହିଲି, "ତିନି ଶହ ବର୍ଷ ପୂର୍ବେ ଏଠାରେ ଆଉ କିଛି ନ ଥିଲା ମାତ୍ର କେବଳ ସପ୍ତଫେଣୀ ଏବଂ କୋକିଶିୟାଳିମାନେ ଥିଲା। ଏବଂ ଏହା ସମ୍ଭବତଃ, ପ୍ରଭୁଙ୍କ ଦୃଷ୍ଟିରେ, ଏହା ଉତ୍ତମ ହେବ ଯେ ଯଦି ଏହା ପଶ୍ଚାତ ସମୟ ପରି ସେହିପରି ରହିଥାଆନ୍ତା।" ତାହା ଠିକ୍ ଅଟେ। ଯଦିଓ ସେହି ମହାନ—ମହାନ ନଗର ଯାହାକି ସେମାନେ ସେଠାରେ ନିର୍ମାଣ କରିଥିଲେ, ଏବଂ ସୁନ୍ଦର ଘରସବୁ ଓ ଇତ୍ୟାଦି ସବୁ, ବହୁତ

ଉତ୍ତମ ଅଟେ । ମାତ୍ର ଏହା ବହୁତ ଉତ୍ତମ ହେବ, ଏହା ସର୍ବୋତ୍କୃଷ୍ଟ ହେବ ଯଦି ପୁରୁଷ ଏବଂ ମହିଳାମାନେ ସେମାନଙ୍କର ହାତଗୁଡିକୁ ଉପରକୁ କରି ସେହି ରାସ୍ତାରେ ଉପର ଓ ତଳ ଗମନାଗମନ କରୁଥାଆନ୍ତେ, ଓ ପରମେଶ୍ୱରଙ୍କୁ ଗୌରବାନ୍ୱିତ କରି ତାହାଙ୍କୁ ଧନ୍ୟବାଦ ଦେଉଥାଆନ୍ତେ । ମାତ୍ର, ତାହା ବଦଳରେ, ଏହା ତ ଅଭିଶାପ ଦେବା, ସେହିପରି କାମଗୁଡିକ କରି ଚାଲୁଥିବା, ମଦ ପିଉଥିବା ଅଟେ । ସଭ୍ୟତାକୁ କେବଳ ଭିତରକୁ ଆସିବାକୁ ଦିଅନ୍ତୁ, ଏବଂ ଦୁଷ୍ଟତା ସେଠାରେ ରହିଥାଏ ।

19 ମୁଁ କହିଲି, "ଗତକାଲି ସନ୍ଧ୍ୟାରେ, ଗତକାଲି ରାତିରେ ଏହି ସହରରେ କେତେ ସଂଖ୍ୟାରେ ବ୍ୟଭିଚାର କର୍ମ କରାଯାଇଥିବ! କେତେ ଜଣ ମଦ୍ୟପାନ କରିଥିବେ! କେତୋଟି ଘରମାନ…କେତୋଟି—କେତୋଟି ବିଶୃଙ୍ଖଳିତ କାର୍ଯ୍ୟମାନ ଏହି ମହାନ ସହରରେ, ଗତ ଘଟିକାରେ କରା ଯାଇଥିବ୍!"

20 ଏବଂ ପତ୍ନୀ ମୋତେ କହିଲେ, ସେ ସେତେବେଳେ ମୋତେ ଏପରି କିଛି କହିଲେ, ଯେପରିକି ମୁଁ ଭାବେ, "ତେବେ ଏଠାକୁ ଆସିବାର ଲାଭ କଅଣ ଅଟେ? ତୁମେ କାହିଁକି ଘର ଛାଡି ଏଠାକୁ ଆସିଛ?"

21 ତେବେ ମୁଁ କହିଲି, "ଏଠାରେ ତାହା ଯାହାକି ଏହା ଅଟେ । ସେହି ସବୁ କିଛି ପରେ, ଯାହାକି ନିଶ୍ଚିତ ଭାବରେ ସଂଖ୍ୟାଗରିଷ୍ଠତା ମଧ୍ୟରେ ଅଟେ, ମାତ୍ର ସେଠାରେ ଏକ ଅଳ୍ପ ସଂଖ୍ୟାଲଘୁ ମଧ୍ୟ ଅଛନ୍ତି । ଗତକାଲି ସନ୍ଧ୍ୟାରେ ସେବାକୁ ଆସୁଥିବାବେଳେ, କେତେ ଗୋଟି ବିଶ୍ୱସ୍ତ ପ୍ରାର୍ଥନା ସେଠାରେ ଉପରକୁ କରା ଯାଇଥିଲା?"

22 ଏବଂ ସେ ଆମ ପ୍ରତି ଏତେ ଉତ୍ତମ ରହିଥିଲେ ଯେ ସୂର୍ଯ୍ୟାସ୍ତ ପୂର୍ବରୁ ମଣ୍ଡଳୀଗୁଡ଼ିକ ପରିପୂର୍ଣ୍ଣ ହୋଇଯାଏ, ଯେ ଆପଣ ସେହି ସ୍ଥାନର ଆଖପାଖରେ ସୁଦ୍ଧା ପ୍ରବେଶ କରି ନ ପାରନ୍ତି । ଏବଂ ସେହି ସଂଗଠନଗୁଡିକ ଏବଂ ପ୍ରଭୃତି ସବୁ, ଏବଂ ପ୍ରଭୁ ଆପଣା ଆତ୍ମାକୁ ଢାଳି ସେମାନଙ୍କୁ ଆଶୀର୍ବାଦ କରିଥିଲେ । ଏବଂ ମୁଁ କୌଣସି କଥା କହିବାରୁ କ୍ଷାନ୍ତ ହୋଇ ନ ଥିଲି, କେବଳ ସୁସମାଚାର ଉପରେ କଥା କହିବା ଜାରି ରଖିଥିଲି । ଏବଂ ବେଳେବେଳେ, ଅବଶ୍ୟ, ଏହା ବହୁତ କଷ୍ଟକର ହୋଇଥାଏ, ମାତ୍ର ଏହାହିଁ ସେହି ଏକମାତ୍ର ଉପାୟ ଅଟେ ଯାହାକି ମୁଁ ଜାଣିଥାଏ । ଏହା ଏଠାରେ କଷ୍ଟକର ଅଟେ । ଅତଏବ ଏହା ନ୍ୟାୟ ବିଚାରରେ ଅଧିକ କଷ୍ଟକର ହେବାକୁ ଯାଉଅଛି ଯେଉଁଠାରେ ଆମକୁ ଏହାର ସମ୍ମୁଖିନ ହେବାକୁ ଅଛି । ତେଣୁକରି, ସମଗ୍ର ଭାବେ, ଏହା ଏକ ମହିମାମୟ ବିଷୟ ଥିଲା । ଏବଂ ଆମେମାନେ ଏଠାରେ ମଣ୍ଡଳୀକୁ ଆମ ପାଇଁ ପ୍ରାର୍ଥନା କରିଥିବା ହେତୁ ଏବଂ ଆମକୁ ଧରି ତୋଳିଥିବା ହେତୁ ଏବଂ—ଏବଂ ଆତ୍ମମାନଙ୍କୁ କ୍ରୁଶ ନିକଟରେ ଧରି ରଖିଥିବା ହେତୁ ଧନ୍ୟବାଦ ଦେବାକୁ ଚାହୁଁଅଛୁ ।

23 ଏବଂ ତାହାପରେ ବର୍ତ୍ତମାନ ଘରକୁ ଫେରି ଆସିବା ପରେ, ଏଠାରେ, ଏବଂ ମୁଁ ଆଜି ସକାଳେ ବୋଧହୁଏ କିଛି ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ହେତୁ ତଳକୁ ଓହ୍ଲାଇ ଥାଇପାରେ । ମୋର ଅନେକ ସାକ୍ଷାତକାରମାନ ରହିଅଛି ଯାହାକି ଅପେକ୍ଷାରତ ଅଟନ୍ତି,

ଏପରି ମାମଲାଗୁଡିକ ଯାହା ମଧ୍ୟରୁ କେତୋଟି ତ ମୁଁ ଗତ କେତେ ଦିନ ହେବ ପାଇଥିଲି ଯେବେଠୁଁ ମୁଁ ଏଠାରେ ଆସିଅଛି, ମୁଁ ଚାଲିଯିବାର ସମୟଠାରୁ ଏକ ମାସ ହେବ ଅପେକ୍ଷାରତ ଅଟନ୍ତି। ତେଣୁକରି ସେମାନେ ଯଥା ସମ୍ଭବ ଯେତେ ଶୀଘ୍ର ସେଗୁଡିକୁ ନେବାକୁ ଚେଷ୍ଟା କରୁଅଛନ୍ତି, ସେଗୁଡିକୁ ସେହି ବିଭିନ୍ନ ସ୍ଥାନରୁ ନେବାକୁ ଚେଷ୍ଟା କରୁଛନ୍ତି ଯେଉଁଠାରେକି ସେଗୁଡିକ ରହିଅଛି।

24 ପ୍ରଭୁ ଇଚ୍ଛା କଲେ, ପ୍ରାୟଃ ଦୁଇ ସପ୍ତାହ ମଧ୍ୟରେ, ମୁଁ ଟ୍ୟୁସାନ୍‌କୁ ଯାଉଅଛି, ଯାହାକି ତାହାର ତଳ ଭାଗରେ ଅଟେ। ଏବଂ ବର୍ତ୍ତମାନ ବ୍ୟବସାୟୀମାନେ ଏଥରକ, ଯେଣୁ ଆପଣମାନେ ଏଥିପାଇଁ ପ୍ରାର୍ଥନା କରିପାରନ୍ତି...ମୁଁ କଦାପି ସେପର୍ଯ୍ୟନ୍ତ କିଛି କରିବାକୁ ପସନ୍ଦ କରେ ନାହିଁ ଯେପର୍ଯ୍ୟନ୍ତକି ମୁଁ ପ୍ରଥମେ ବିଶ୍ୱାସ କରେ ନାହିଁ ଯେ ଏହା ପ୍ରଭୁଙ୍କର ଇଚ୍ଛା ଅଟେ। ତେବେ, ପରବର୍ତ୍ତୀ ସମ୍ମିଳନୀଟି ମୋଡେଷ୍ଟୋରେ ଆସୁଅଛି ଏବଂ ତାହାପରେ ସେଠାରୁ ୱାଶିଂଟନ୍‌କୁ, ସେହି ରାଜ୍ୟ, ୱାଶିଂଟନ୍‌କୁ, ଏବଂ ଜୁରିକ୍, ତାହାପରେ ପାଲେଷ୍ଟାଇନ, ଏବଂ ତାହାପରେ ଦକ୍ଷିଣ ଆଫ୍ରିକାକୁ ଯିବ। ଏବଂ ତାହା ସବୁ ବର୍ତ୍ତମାନ ଏବଂ ଜୁନ୍ ମଧ୍ୟରେ ସଂଘଟିତ ହେବ। ଏବଂ ଏହି ସମସ୍ତ ସମ୍ମିଳନୀରେ ମୋତେ ବକ୍ତା ହେବା ପାଇଁ ନିମନ୍ତ୍ରଣ କରା ଯାଇଅଛି। ଏବଂ ଏହା ମୋତେ ପୁନର୍ବାର ଦକ୍ଷିଣ ଆଫ୍ରିକାରେ ପ୍ରବେଶ କରିବାର ଏକ ସୁଯୋଗ ଦେଇପାରେ। ସେମାନଙ୍କର ଡାକରା, ପ୍ରତି ମାସରେ ଆମେମାନେ ନିମନ୍ତ୍ରଣ ପାଇଥାଉ। ମାତ୍ର ଯଦି ଗୋଟିଏ...

25 ସେଠାରେ ମଣ୍ଡଳୀଗୁଡିକରେ, ସେହି ପେଣ୍ଟିକଷ୍ଟାଲ୍ ମଣ୍ଡଳୀଗୁଡିକରେ ଏକ ବଡ଼ ବିଭାଜନ ଅଛି। ଏବଂ ଯଦି ଆପଣ ଗୋଟିଏ ପାର୍ଶ୍ୱକୁ ଯାଆନ୍ତି, ତେବେ ଅନ୍ୟ ଜଣକର ଏହା ସହିତ କିଛି ହେଲେ କରିବାର ନ ଥାଏ। ଏବଂ ସେମାନେ ଏକତ୍ର ସହଯୋଗ କରନ୍ତି ନାହିଁ, ତେଣୁକରି ମୁଁ ବର୍ତ୍ତମାନ ପ୍ରାୟଃ ପାଞ୍ଚ ବର୍ଷ ହେବ ନିଜ ହୃଦୟରେ ଯିବାର ଏକ ଆହ୍ୱାନ ସହିତ ଛିଡା ହୋଇଅଛି। ଏବଂ ବର୍ତ୍ତମାନ, ହୋଇପାରେ ଯେ ଯଦି ବ୍ୟବସାୟୀମାନେ ମୋତେ ଭିତରକୁ ନେବେ, ପ୍ରତିଷ୍ଠିତ ହେବା ନିମନ୍ତେ ଯଦି ଯଥେଷ୍ଟ ଅଟେ, ଅର୍ଥାତ୍ ତାହା ଉଭୟ ପାର୍ଶ୍ୱରୁ ଅଟେ, ଆପଣ ଦେଖନ୍ତୁ, ଏବଂ ତେଣୁକରି ତାହାହିଁ ସେସମସ୍ତଙ୍କୁ ଏକାଠି ଆଣିବା ସେତିକି କଷ୍ଟକର କରି ଦେଇଥାଏ। ସେମାନଙ୍କୁ ସମସ୍ତଙ୍କୁ ଆସି ସେଥିରେ ସହଯୋଗ କରିବାକୁ ହେବ କାରଣ ସେମାନଙ୍କର ଆର୍ଥିକ ଆବଶ୍ୟକତା—ସେମାନଙ୍କର ମଣ୍ଡଳୀର ଆବଶ୍ୟକତା ସେଠାରେ ରହିଛି, ତେଣୁକରି ସେମାନଙ୍କୁ ସେମାନଙ୍କର ସମ୍ମାନ ରକ୍ଷା କରିବା ପାଇଁ ଆସିବାକୁ ହେବ, ଆପଣ ଦେଖନ୍ତୁ। ତେଣୁକରି ହୋଇପାରେ ଯେ ଏହା ପ୍ରଭୁଙ୍କର ଇଚ୍ଛା ଅଟେ, ଯେ ଯାହା ବି ହେଉ, ମୁଁ ଜାଣେ ନାହିଁ। ଏହା ଶୁଣିବାକୁ ଭଲ ଲାଗେ, ମାତ୍ର ମୁଁ ଜାଣେ ନାହିଁ।

26 ଏବଂ ତାହାପରେ, ଏହି ବର୍ଷରେ, ଭାଇ ବର୍ଡର୍ସ ମୋତେ ସେହି କାର୍ଯ୍ୟକ୍ରମ ସୂଚୀ, କିମ୍ବା, ସେହି ନିମନ୍ତ୍ରଣଗୁଡିକ ଦିଅନ୍ତି। ଏବଂ, ସତ କହିବାକୁ ଗଲେ, ଏହା ଆଖପାଖର ଆମନ୍ତ୍ରଣଗୁଡିକର, ଏକ ପୁସ୍ତକ ଥିଲା *ଯାହାକି* ତାର ଦୁଇ ଗୁଣ ମୋଟା ଥିଲା ଯାହାକି ଗତ

ଖ୍ରୀଷ୍ଟମାସ ସମୟଠାରୁ ଆସିଥିଲା । ମନୁଷ୍ୟର ମସ୍ତିଷ୍କ ପାଇଁ ଏହାକୁ ସମାଧାନ କରିବାକୁ ଚେଷ୍ଟା କରିବାଟା ଅତ୍ୟଧିକ କଷ୍ଟକର ଅଟେ, ତେଣୁ ମୁଁ ସେଗୁଡ଼ିକ ମଧ୍ୟରୁ କୌଣସିଟି ହେଲେ ନେଲି ନାହିଁ । ମୁଁ କେବଳ ଗୋଟିଏ ସଭା ନେବାକୁ ଯାଉଅଛି, ଏବଂ ଅପେକ୍ଷା କରିବାକୁ ଏବଂ ଏହା ଦେଖିବାକୁ ଯାଉଅଛି ଯେ ପ୍ରଭୁ ମୋତେ ସେଠାରୁ କେଉଁ ସ୍ଥାନକୁ ଯିବାକୁ କୁହନ୍ତି, ତାହାପରେ ମୁଁ ଆଗକୁ ଯିବି, ଏବଂ ତାହାପରେ ପରବର୍ତ୍ତୀ ସ୍ଥାନକୁ, ଏବଂ ସେ ମୋତେ ଯେଉଁଆଡକୁ ବି ଯିବାକୁ କୁହନ୍ତି । ଅତଏବ, ଆପଣ ମୋ ପାଇଁ ପ୍ରାର୍ଥନା କରୁଥିବେ ।

27 ମୋର ମନେ ଅଛି ଗତ ବର୍ଷ, ଭାଇ ସହିତରେ...କିମ୍ବା ସେଠାରେ ତଳେ ଭଉଣୀ କକ୍ସଙ୍କଠାରେ, ଯେତେବେଳେ ଭାଇ ଆର୍ଗାନବ୍ରାଇଟ୍ ମୋତେ ଆଙ୍କୋରେଜ୍ ପର୍ଯ୍ୟନ୍ତ ଏହି ଯାତ୍ରା କରିବା ନିମନ୍ତେ ଡାକିଥିଲେ । କଅଣ ହୋଇଥାଆନ୍ତା ଯଦି ମୁଁ କେବଳ ତାହା ଅନୁମାନ୍ କରି ଠିକ୍ ସେହିପରି ଭାବରେ ଚାଲି ଯାଇଥାଆନ୍ତି ଯେ ସବୁ ତ ଠିକ ଅଛି?

28 ତେବେ, ମୁଁ ତାହା ବିଷୟରେ ଭାବୁଥିଲି, *ଅନୁମାନ କରିବା,* ମୁଁ ସେହି ବିଷୟ ଉପରେ ପ୍ରଚାର କରିଥିଲି । ମୁଁ କହିଲି ଯେତେବେଳେ ମୁଁ ସେଠାକୁ ଗଲି, ସେହି ଟେପ୍ ବାଳକମାନଙ୍କୁ କହିଥିଲି, "କୌଣସି ଟେପ୍‌ଗୁଡିକୁ ନିଅ ନାହିଁ । କୌଣସି ଟେପ୍ ପାଇଁ ବାହାରକୁ ଯାଅ ନାହିଁ, ମୁଁ ସେହି ସମାନ ବିଷୟଗୁଡିକ ଉପରେ ହିଁ ପ୍ରଚାର କରିବାକୁ ଯାଉଅଛି ଯାହା ମୁଁ ଏଠାରେ କରିଥିଲି ।" ମୁଁ ଭାବୁଛି ଯେ ମୁଁ ସେହି ଗୋଟିକ ପ୍ରଚାର କରିଥିଲି ଯାହା ମୁଁ ଏଠାରେ କରିଥିଲି, ବାକି ସବୁଗୁଡିକ ନୂଆ ଥିଲା । ଏବଂ ଭାଇ ମାଗୁଏର୍ ସେଗୁଡିକୁ, ସେହି ସମସ୍ତଗୁଡିକୁ ପାଇଥିଲେ ।

29 ଅନୁମାନ କରିବା । ତେଣୁ ଯଦି ମୁଁ ଚାଲି ଯାଇଥାଆନ୍ତି, ସେଠାରେ ଉପରକୁ ଏହା *ଅନୁମାନ କରି*, ତାହାହେଲେ ଏହା ନିଶ୍ଚିତ ରୂପେ ତାହାଠୁଁ ଭିନ୍ନ ହୋଇଥାନ୍ତା ଯାହା ବାସ୍ତବରେ ହୋଇଥିଲା, ସେହି ଦର୍ଶନ ପୂରଣ ହୋଇ ନ ଥାଆନ୍ତା । ମାତ୍ର ସେହି ଦର୍ଶନ ପୂର୍ଣ୍ଣ ହୋଇଥିଲା, ଏବଂ ଆପଣମାନେ ସମସ୍ତେ ତାହା ବିଷୟରେ ଅବଗତ ଅଟନ୍ତି ଯେ, ପ୍ରଭୁ କିପରି ତାହା ଆଶୀର୍ବାଦ କରିଥିଲେ ।

30 ତେବେ, ଆଉ ଏକ ବିଷୟ ଅଛି ଯାହାକି ଅନେକ ଦିନ ହେଲାଣି ମୋ ହୃଦୟରେ ରହିଆସିଛି । ମଣ୍ଡଳୀ, ଏଥିପାଇଁ ପ୍ରାର୍ଥନା କରନ୍ତୁ । ଆପଣମାନେ ଏଠାରେ ଥିବା ସମସ୍ତ ଲୋକେ ଏହା ଜାଣନ୍ତି ଯେ ମୁଁ ଏକ ଛୋଟ ପିଲାଟି ବେଳଠୁଁ ହିଁ ଏହି ଦେଶରେ କେବେବି ସନ୍ତୁଷ୍ଟ ନ ରହିଥିଲି । ମୋର ସମସ୍ତ ହୃଦୟଟି ସବୁବେଳେ ପଶ୍ଚିମ ଆଡକୁ ଯିବା ପାଇଁ ଇଚ୍ଛା କରି ଆସିଥିଲା । ଏବଂ ମୋର ମନେ ଅଛି ଯେତେବେଳେ ମୁଁ ମୋର ଶା-ଶୁ-ଙ୍କ ପାଇଁ ସେଠାରେ ଉପରେ ସେହି ଛୋଟ ସ୍ଥାନରେ ଘାସ କାଟୁଥିଲି ତାହା ସେହି...ସେହି ସ୍ଥାନଟି, ତାହା ଏଠାରେ ମଣ୍ଡଳୀର ରହିଥିଲା । ମୁଁ ପାହାଚ ଉପରେ ବସିଥିଲି, ଏବଂ ପବିତ୍ରଆତ୍ମା ମୋତେ କହିଥିଲେ, ସେ କହିଲେ, "ଅବ୍ରହାମଙ୍କ ପରି, ଯେପର୍ଯ୍ୟନ୍ତ ତୁମେ ମୋତେ ସମ୍ପୂର୍ଣ୍ଣରୂପେ ଆଜ୍ଞାପାଳନ ନ କରିବ ସେପର୍ଯ୍ୟନ୍ତ ମୁଁ ତୁମକୁ ଆଉ ଅଧିକ ଆଶୀର୍ବାଦ କରିପାରେ ନାହିଁ ।" ବୁଝିଲେ? ଏବଂ,

ଅବ୍ରହାମ, ପରମେଶ୍ୱର ତାଙ୍କୁ ପୃଥକ୍ ହୋଇ ଏକାକୀ ନିରୋଳାରେ ବାହାରିଯିବା ପାଇଁ କହିଥିଲେ। ଏବଂ, ଯେତେବେଳେ ସେ ତାହା କଲେ, ସେତେବେଳେ ସେ ନିଜ ସହିତରେ ତାଙ୍କର ପିତା, ତାଙ୍କର ପୁତୁରାଙ୍କୁ ସଙ୍ଗରେ ନେଇ ଯାଇଥିଲେ। ଏବଂ ଯେପର୍ଯ୍ୟନ୍ତ ଅବ୍ରହାମ ପରମେଶ୍ୱରଙ୍କୁ ସମ୍ପୂର୍ଣ୍ଣରୂପେ ଆଜ୍ଞା ପାଳନ କଲେ ନାହିଁ, ତାହାପରେ ଯାଇ ସେଠାରେ ଏକ ପରିପୂର୍ଣ୍ଣ ହେବାର ବିଷୟ ହୋଇଥିଲା ଯାହା ପରମେଶ୍ୱର ପ୍ରତିଜ୍ଞା କରିଥିଲେ। ଏବଂ ସେହି ବନ୍ଧନ, ସେହି ମୂଖ୍ୟ ବନ୍ଧନଗୁଡିକରୁ ଗୋଟିଏ ଯାହାକି ମୋତେ ଏଠାରେ ବାନ୍ଧି ରଖିଥିଲା ତାହା ହେଉଛନ୍ତି ମୋର ମାଆ। ଆପଣମାନେ ତାହା ଜାଣିଛନ୍ତି। ଏବଂ ମାଆ ବର୍ତ୍ତମାନ ପ୍ରଭୁ ଯୀଶୁଙ୍କ କୋଳକୁ ଚାଲି ଯାଇଛନ୍ତି। ଏବଂ ମୁଁ—ମୁଁ ଜାଣେ ନାହିଁ ଯେ କେଉଁ ଆଡକୁ ଘୁରିବାକୁ ଅଛି, କଅଣ କରିବାକୁ ଅଛି, ତେଣୁକରି ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ।

31 ତେବେ, ଭାଇ ନେଭିଲ୍, ମୁଁ ମଞ୍ଚ ଉପରକୁ ଆସିଲି, ମୁଁ ଭାବିଲି, "ତେବେ, ମୁଁ ସେଠାରେ ବାହାରକୁ ଯିବି।" କେହି ଜଣେ ମୋତେ ସାକ୍ଷାତ କରି କହିଲେ, "ମୋର ପ୍ରଭୁ, ସେମାନଙ୍କର ଆଜି ରାତିରେ ବହୁତ ମହାନ ସେବାଗୁଡିକ ରହିଛି।" କହିଲେ, "ସେମାନଙ୍କର ପ୍ରଚାର ସେବା, ଗୀତ ସେବା, ପ୍ରାର୍ଥନା ସେବା ହେବାକୁ ଯାଉଅଛି, ଏବଂ ତାହାପରେ ଦାନ ସଂଗ୍ରହ କରିବାକୁ ଯାଉଅଛନ୍ତି, ଏବଂ ତାହାପରେ କହିଲେ ଯେ ସେମାନଙ୍କର ଏକ—ଏକ ପାଦ-ଧୋଇବା, ପ୍ରଭୁଭୋଜ, ଏବଂ ବାପ୍ତିସ୍ମ ସେବା ରହିଛି।"

32 ମୁଁ ଭାବିଲି, "ବେଚାରା ଭାଇ! ମୋର ପ୍ରଭୁ! ମୋର ପ୍ରଭୁ, ସେସମସ୍ତ କିଛି ବିଷୟ, ତାହା କଅଣ ଅଟେ ସମ୍ଭବତଃ ଆଜି ସକାଳେ କଠିନ ପ୍ରଚାର କରିବା ପରେ ମୁଁ ଜାଣେ।" ତେବେ, ମୁଁ ଭାବିଲି, "ମୁଁ ସେଠାରେ ଖସି ପଳାଇଯିବି, ବୋଧହୁଏ ସେ ଚାହାଁନ୍ତି ଯେ ମୁଁ ପ୍ରଭୁଭୋଜ ଦିଏ।"

33 ଏବଂ ସେ କହିଲେ, "ତେବେ କଅଣ ଆପଣ ଆଜି ରାତିରେ ଆମ ପାଇଁ ପ୍ରଚାର କରିବେ କି ଯଦି ଆପଣ ପ୍ରେରଣା ଅନୁଭବ କରନ୍ତି?" ଅତଏବ ମୁଁ ଜାଣେ ଯେ ତାହାର ଅର୍ଥ କଅଣ ଅଟେ? ଅତଏବ ତେବେ ମୁଁ ଫେରି ଗଲି ଏବଂ ଏଠାରେ ଏକ ଶାସ୍ତ୍ରାଂଶକୁ ନେଲି ଏବଂ କିଛି ଲେଖନୀଗୁଡିକୁ ପାଇଲି, ଏବଂ ବୋଧହୁଏ ପ୍ରଭୁ ମୋତେ ସାହାଯ୍ୟ କରିବେ ଯେ ମୁଁ ପ୍ରାୟଃ ଚାରି ଘଣ୍ଟାର ଏକ କ୍ଷୁଦ୍ର ବାର୍ତ୍ତାକୁ ପ୍ରଦାନ କରେ, ଏବଂ ତାହାପରେ ଆମେ ଆମର—ଆମର ପାଦ-ଧୋଇବା, ଏବଂ ତାହାପରେ ପ୍ରଭୁଭୋଜ ଗ୍ରହଣ କରିବା। ଏବଂ ତେବେ, ଏବଂ, ଓଃ, ମୁଁ, ବୋଧହୁଏ ମୁଁ ତାହା ପୂର୍ବରୁ କରି ସାରିଦେବି। ନା, ମୁଁ କେବଳ ଆପଣମାନଙ୍କ ସହ ଥଟ୍ଟା କରୁଥିଲି। ପ୍ରାୟଃ କୋଡ଼ିଏ, ତିରିଶ ମିନିଟ୍, ଏବଂ ତାହାପରେ ଆମେମାନେ ବାପ୍ତିସ୍ମ ସମ୍ବନ୍ଧିୟ ବିଷୟ କରିବା, ପାଦ-...ଏହା ପରେ କଅଣ ଆସେ, ପ୍ରଭୁଭୋଜ? ଏହା ପରେ ପ୍ରଭୁଭୋଜ ଆସିବ, ତାହାପରେ ବାପ୍ତିସ୍ମ ସେବା।

34 ବର୍ତ୍ତମାନ, ଆମେମାନେ ଖୁସି ଯେ ଆପଣ ବାପ୍ତିଜିତ ହେବାକୁ ଯାଉଅଛନ୍ତି। ତେବେ, ଯଦି ପରମେଶ୍ୱର ଇଚ୍ଛା କରନ୍ତି ଏବଂ ତାହା ତାଙ୍କୁ ପ୍ରସନ୍ନ କରେ, ଏବଂ ଏହା ପାଳକଙ୍କ ସହିତ ଏବଂ ଲୋକମାନଙ୍କ ସହିତ ଠିକ୍ ଅଟେ, ତାହାହେଲେ ଆଗାମୀ ରବିବାର ସକାଳେ ଯଦି ପ୍ରଭୁ

ଇଚ୍ଛା କରନ୍ତି, ମୁଁ ରୋଗୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ପାଇଁ, ଏବଂ ପ୍ରଚାର କରିବା ପାଇଁ ତଳକୁ ଆସିବି, ଏହି ଆସନ୍ତା ରବିବାର ଦିନ, କାରଣ ବୋଧହୁଏ ପରବର୍ତ୍ତୀ ରବିବାର ଦିନ ମୁଁ ତେବେ ପୁଣି ଥରେ ଚାଲି ଯାଇଥିବି । ଏବଂ ତେବେ ଯେତେବେଳେ ମୁଁ ଏଠାରେ ରହିଥାଏ, ମୁଁ ଭିତରକୁ ଆସିବା ପାଇଁ ପସନ୍ଦ କରେ ଏବଂ—ଏବଂ ଏଠାରେ କଥା କହିବାକୁ ପସନ୍ଦ କରେ, ’କାରଣ ଆମେମାନେ ଏକ ପ୍ରକାର ଭାଇ ଭଉଣୀ ଭାବରେ ଏକତ୍ର ଜଡିତ ଅଟୁ, ଆଉ ଭାଇ ନେଭିଲ୍ ଏବଂ ମୁଁ ଏଠାରେ, ଏବଂ ଆମେମାନେ—ଆମେମାନେ ପରସ୍ପର ଜଣେ ଅନ୍ୟକୁ ଭଲପାଉ, ଏବଂ ଆମେ—ଆମେ—ଆମେ ନିକଟତର ରହିବାକୁ ଓ ପରସ୍ପର ଜଣେ ଅନ୍ୟକୁ ସାହାଯ୍ୟ କରିବାକୁ ଚାହିଁଥାଉ ଯେତେବେଳେକି…

35 ଏହା ଧର୍ମବିରୋଧୀ ପରି ମନେହୁଏ, କିନ୍ତୁ ମୁଁ ଆଶା କରେ ଯେ ଏହା ଆପଣଙ୍କୁ ସେହିପରି ଶୁଭାଯାଏ ନାହିଁ, ଶ୍ରୀମାନ କୋରୀ ଥରେ କହିଥିଲେ, ସେ…ମୁଁ ଏକ ପ୍ରଦୀପ ଅଭିଯାନରେ ଥିଲି, କମ୍ପାନୀ ନିମନ୍ତେ ବଲ୍‌ବ ବତୀ ବିକ୍ରି କରୁଥିଲି । ଏବଂ ସେ ବହୁତ ପରିମାଣରେ ବଲ୍‌ବ ବତୀ କିଣି ଆଣିଥିଲେ ଯାହାକି ତାଙ୍କର ଚାରି କିମ୍ବା ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଚାଲିଥାନ୍ତା, ମୁଁ ବୁଲିପଡି ତାଙ୍କଠାରୁ ଏକ ଫୋର୍ଡ ଗାଡି କିଣି ଥିଲି । ସେ କହିଲେ, “ବିଲି, ମୁଁ ବିଶ୍ୱାସ କରେ ଯେ ଆମେମାନେ କେବଳ ପରସ୍ପରର ପିଠିକୁ କୁଣ୍ଡାଇ ଦେଉଅଛୁ ।” ତେଣୁକରି ତାହା, ତେବେ, କେବଳ ଏକ ପ୍ରକାର ଆବଶ୍ୟକତା ସମୟରେ ସାହାଯ୍ୟ କରିବା ଅଟେ । ତେଣୁ ତାହା—ତାହା ଠିକ୍ ଅଟେ । ଆମେମାନେ ଜାଣୁ ଯେ କିପରି ପରସ୍ପରକୁ ଉଦ୍ଧାର କରିବା ନିମନ୍ତେ ଆସିବାକୁ ଅଛି ଏବଂ ପରସ୍ପରକୁ ସାହାଯ୍ୟ କରିବାକୁ ଅଛି ।

36 ତେବେ, ବର୍ତ୍ତମାନ ଆସନ୍ତୁ ଏହାର ନିଷ୍ପାପର ଅଂଶକୁ ଯିବା, ଏବଂ ଯଦି ମୁଁ ଭୁଲ୍ କରୁ ନାହିଁ, ତେବେ ମୋର ବିଶ୍ୱାସ ଯେ ମୁଁ ସେଠାରେ ପଛରେ ଭାଇ ବିଲରଙ୍କୁ ଦେଖୁଅଛି, ଅନ୍ୟ ଜଣେ ସେବକ ଭାଇଙ୍କୁ ପଛରେ ଦେଖୁଅଛି । ଏବଂ ଆଜି ଯେତେବେଳେ ମୁଁ ସେଠାରୁ ହୋଇ ଯାଉଥିଲି, ଭାଇ ଜୁନି ଜ୍ୟାକସନ ଏଠାରେ ଅଗଣାରେ ଭାଇ କ୍ରିଚଙ୍କ ସହିତରେ ଛିଡା ହୋଇଥିଲେ । କଅଣ ସେମାନଙ୍କର ବେଳେବେଳେ ଏଠାରେ ଏକ ସେବା ହୋଇଥାଏ କି? ବାପ୍ତିସ୍ମ ସେବା, ମୁଁ ଦେଖୁଛି । ଠିକ ଅଛି, ଯଦି ସେମାନେ ପ୍ରାର୍ଥୀ ଆଣିବେ ତେବେ ଆମେ ଜଳ ଯୋଗାଇ ଦେଇପାରୁ । ଆମ—ଆମ ପାଖରେ ପାଣି ଅଛି, ଠିକ୍ ଅଛି ।

37 ତେଣୁକରି ବର୍ତ୍ତମାନ, ଯେହେତୁ ଆମେମାନେ ପ୍ରଭୁଭୋଜ ଗ୍ରହଣ କରିବାକୁ ଯାଉଅଛୁ, ମୁଁ ଭାବୁଛି ଯେ ଏହା ଉତ୍ତମ ହେବ ଯଦି ମୁଁ କିଛି ମିନିଟ୍ ପ୍ରଭୁଭୋଜ ବିଷୟରେ କଥା କୁହେ ।

38 ତେବେ, ଆମେମାନେ ବାକ୍ୟ ନିକଟକୁ ଆସିବା ପୂର୍ବରୁ, ଆସନ୍ତୁ ବର୍ତ୍ତମାନ ସବୁକିଛି ବିଷୟକୁ ଗୋଟିଏ ପଟରେ ରଖିଦେବା, ଏବଂ ଆମର ସମସ୍ତ ପିଲାଳିଆ ଏବଂ ଶିଶୁତୁଲ୍ୟ ଉପାୟମାନକୁ, ଏବଂ—ଏବଂ ପ୍ରାର୍ଥନା ଦ୍ୱାରା ପରମେଶ୍ୱରଙ୍କ ଉପସ୍ଥିତିକୁ ଆସିଯିବା । ଆସନ୍ତୁ ପ୍ରାର୍ଥନା କରିବା । ବର୍ତ୍ତମାନ ଆମର ମସ୍ତକଗୁଡିକୁ ନତ ଥାଇ, ଏବଂ ମୁଁ ବିଶ୍ୱାସ କରେ ଯେ ଆମର ହୃଦୟଗୁଡିକ ମଧ୍ୟ ନତ ଅଛି, ଯଦି ଏଠାରେ କିଛି ଏକ ଅନୁରୋଧ ଅଛି ଯାହାକି

କରିବାକୁ ଥାଏ...ଆପଣ ପରମେଶ୍ୱରଙ୍କୁ ଜଣାଇବାକୁ ଚାହୁଁଛନ୍ତି, ଏବଂ ଚାହୁଁଛନ୍ତି ଯେ ମୁଁ ଆପଣମାନଙ୍କୁ ପରମେଶ୍ୱରଙ୍କ ସମ୍ମୁଖରେ ସ୍ମରଣ କରେ, ତେବେ କଅଣ ଆପଣ କେବଳ ନିଜର ହସ୍ତକୁ ପରମେଶ୍ୱରଙ୍କ ନିକଟରେ ଉତ୍ତୋଳନ କରି ଏହା ଜଣାଇବେ କି। ପରମେଶ୍ୱର ପ୍ରତ୍ୟେକଙ୍କର ଓ ସମସ୍ତଙ୍କର ଅନୁରୋଧକୁ ପ୍ରଦାନ କରନ୍ତୁ।

39 ସର୍ବଶକ୍ତିମାନ ପରମେଶ୍ୱର, ଆମ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପିତା, ଯିଏକି ତାହାଙ୍କୁ ମୃତ୍ୟୁରୁ ପୁନରୁତ୍ଥିତ କରିଥିଲେ ଏବଂ ତାହାଙ୍କୁ ସର୍ବୋପରିସ୍ଥଙ୍କ ଡାହାଣ ପଟେ ବିରାଜିତ କରିଥିଲେ, ଯିଏକି ସେହି ବିଷୟଗୁଡ଼ିକ ଉପରେ ମଧ୍ୟସ୍ଥି ହେବା ପାଇଁ ନିତ୍ୟ ଜୀବିତ ଅଟନ୍ତି ଯେଉଁ ବିଷୟଗୁଡିକ ଆମେମାନେ ବିଶ୍ୱାସ କରୁ ଯେ ସେ ତାହା ଆମ ପାଇଁ କରିଥିଲେ, ଏବଂ ସେହିପରି ଅଟେ ବୋଲି ସ୍ୱୀକାର କରୁ। ପ୍ରଭୁ ପରମେଶ୍ୱର, ଆମେମାନେ ଆଜି ରାତିରେ, ପ୍ରାର୍ଥନା କରୁଛୁ ଯେ, ତୁମେ ଆମର ପାପଗୁଡିକୁ କ୍ଷମା କରିଦେବ। ଓଃ, ଆମେମାନେ ସବୁବେଳେ ସେହି ରକ୍ତ ତଳେ ରହିବାକୁ ଚାହୁଁ, କାରଣ ଆମେମାନେ ଜାଣିନାହୁଁ ଯେ କେତେବେଳେ କଅଣ ହୋଇ ଯାଇପାରେ। ସବୁ ବିଷୟ ପ୍ରାୟଃ ସମାପ୍ତି ଉପରେ ଅଟେ, ଆମେମାନେ ଅନୁଭବ କରୁ, ହେ ପ୍ରଭୁ, ଯେ ପ୍ରଭୁଙ୍କର ଆଗମନ ସନ୍ନିକଟ ଅଟେ। ଏବଂ ଆମେମାନେ ଏକ ଯାତ୍ରାରେ ବାହାରିବା ନିମନ୍ତେ ସ୍ଥିର କରୁଅଛୁ। ଏବଂ ଯେତେବେଳେ ଆମେମାନେ ଏକ ଯାତ୍ରା ବିଷୟରେ ଭାବୁଅଛୁ, ଆମେମାନେ ହୁଏତ ସୁଟକେସ୍ ବିଷୟରେ ଚିନ୍ତା କରୁ ଥାଇପାରୁ, ଏବଂ—ଏବଂ ଅତିରିକ୍ତ ପୋଷାକ ଏବଂ ଅତିରିକ୍ତ ଜୋତାଗୁଡିକ ବିଷୟରେ ଚିନ୍ତା କରୁ ଥାଇପାରୁ। ମାତ୍ର ତାହା ଏହି ଯାତ୍ରାଠାରୁ କେତେ ଭିନ୍ନ ଅଟେ! ଏହା ବନ୍ଧା ବାନ୍ଧି କରିବା ନୁହେଁ; ଏହା ତ ସବୁ ଖୋଲିବା ଅଟେ, ଏକ କଡ଼ରେ ରଖିବା ଅଟେ। ଯେପରିକି ତୁମର ମହାନ ସେବକ, ପାଉଲ, ଏବ୍ରୀ ପୁସ୍ତକ, ତାର 12ଶ ପର୍ବରେ କହିଥିଲେ, "ଆମେମାନେ ପ୍ରତ୍ୟେକ ଅବିଶ୍ୱାସକୁ ଓ ସହଜରେ ବେଷ୍ଟନକାରୀ ଭାରକୁ ପୃଥକ କରିଦେଉ, ଯେପରିକି ଆମେମାନେ ଧୈର୍ଯ୍ୟ ସହକାରେ ଆମ ସମ୍ମୁଖରେ ଥିବା ଦୌଡକୁ ସମ୍ପୂର୍ଣ କରିପାରୁ।"

40 ଏବଂ ଆମେ ବର୍ତ୍ତମାନ ଏହି ଆଧୁନିକ ଜଗତ ପ୍ରତି ଉତ୍ତମ ବିଷୟଗୁଡିକର ଭବିଷ୍ୟତ୍‌ବାଣୀ କରିପାରିବା ନାହିଁ। କେବଳ ଗୋଟିଏ ବିଷୟ ଯାହା ଆମେମାନେ ଆତ୍ମାଙ୍କ ମାଧ୍ୟମରେ ଭବିଷ୍ୟତ୍‌ବାଣୀ କରିପାରିବା ତାହା ହେଉଛି ବିପର୍ଯ୍ୟୟ, ସଂକଟ, ଭୂମିକମ୍ପ, ବଡ଼ ଜୁଆର ତରଙ୍ଗ, ସୂର୍ଯ୍ୟ ଏବଂ ଚନ୍ଦ୍ର ଆଲୋକବିହୀନ ହୋଇଯିବା, ଲାଅଦିକୀୟ ଯୁଗରେ ମଣ୍ଡଳୀ ରହିଥିବା, ଦ୍ୱାର ବାହାରେ ଖ୍ରୀଷ୍ଟ ଥାଇ, ଭିତରକୁ ପ୍ରବେଶ କରିବା ପାଇଁ ଆଘାତ କରୁଥିବା। ହେ ପରମେଶ୍ୱର! ଠିକ ଯେପରି ପୁରାତନ ସମୟରେ ମୀଖା ଥିଲେ, ସେ କିପରି ଆହାବଙ୍କୁ ଆଶୀର୍ବାଦ ଦେଇ ପାରିଥାଆନ୍ତେ ଯେତେବେଳେକି ଭବିଷ୍ୟତ୍‌ବାଣୀ ତାଙ୍କ ବିରୁଦ୍ଧରେ ରହିଥିଲା? ଯେତେବେଳେ ସେହି ମହାନ ଭବିଷ୍ୟଦ୍‌ବକ୍ତା ଏଲିୟ, ତାଙ୍କ ପାଖକୁ ଯାଇଥିଲେ, ଏବଂ ଯେହେତୁ ସେ ସେହି ନିରୀହ ଲୋକ, ନାବୋତର ପ୍ରାଣ ନେଇଥିଲା, ତେଣୁକରି ସେ କହିଥଲେ, "କୁକୁରମାନେ ତୁମର ରକ୍ତକୁ ଚାଟିବେ।" ତାହାହେଲେ ମୀଖା କିପରି ଭଲ ବିଷୟ ଭବିଷ୍ୟତ୍‌ବାଣୀ କରି ପାରିଥାଆନ୍ତେ?

41 ଆଜିର ଆତ୍ମାରେ-ପରିପୂର୍ଣ୍ଣ ସନ୍ତାନମାନେ କିପରି ଜଣେ ପାପୀ, ଉଦାସୀନ ଲୋକମାନଙ୍କ ପାଇଁ ଭଲ ଭବିଷ୍ୟତ୍‌ବାଣୀ କରିପାରନ୍ତି ଯେଉଁମାନେକି ପ୍ରଭୁଙ୍କୁ ବାହାରେ ଛାଡି ଦେଇଅଛନ୍ତି? ହେ ପରମେଶ୍ୱର, ଆମେ କେବଳ ଆଗରେ ବିଚାରର ତିକ୍ତତାକୁ ଦେଖୁଅଛୁ । ଏବଂ ଯେଉଁମାନେ ଠିକ୍ ନୁହଁନ୍ତି ସେମାନଙ୍କୁ ଚିତ୍କାର କରୁଅଛୁ, "ପ୍ରଭୁଙ୍କ ନିକଟକୁ ପଳାୟନ କର, କାରଣ ସେ ଏକ କ୍ଲାନ୍ତ ଦେଶରେ ସେହି ଶୈଳ ଅଟନ୍ତି! ଝଡ଼ ସମୟରେ ସେ ସେହି ଆଶ୍ରୟସ୍ଥଳ ଅଟନ୍ତି । ଏବଂ ସଦାପ୍ରଭୁଙ୍କ ନାମ ଏକ ଦୃଢ ଦୂର୍ଗ ଅଟେ, ଏବଂ ଧାର୍ମିକମାନେ ଏହା ମଧ୍ୟକୁ ପଳାୟନ କରି ସୁରକ୍ଷିତ ରୁହନ୍ତି ।" ଆମେମାନେ କିପରି ଆଶ୍ରୟର ସେହି ମହାନ ନଗରଗୁଡ଼ିକର, ନିର୍ମାଣ ହୋଇଥିବା ବିଷୟରେ ଚିନ୍ତା କରିପାରୁ, ଏବଂ ଯେତେବେଳେ ଖଡଗଧାରୀ ଗୋଡାଉଥିଲେ...ସେହି ବ୍ୟକ୍ତି ପଛରେ, ଏବଂ ସେ ସେହି—ସେହି ଆଶ୍ରୟ ଗଡ ଭିତରକୁ ପ୍ରବେଶ କରିଯାଏ, ସେ ନିରାପଦ ରହିଥାଏ, କୌଣସି ବି ବିଷୟ ତାକୁ ସ୍ପର୍ଶ କରିପାରି ନ ଥାଏ । ହେ ପରମେଶ୍ୱର, ଆସୁ ଆମେମାନେ ଦୌଡି ଯାଉ ଓ ପ୍ରଭୁଙ୍କ ନିକଟରେ ଶୀଘ୍ର ପହଞ୍ଚିଯାଉ, କାରଣ ସେ ଆମର ଆଶ୍ରୟ ଏବଂ ଆମର ଶକ୍ତି ଅଟନ୍ତି, ଏବଂ ସଂକଟ ସମୟରେ ସର୍ବଦା ଉପଲବ୍ଧ ଏକ ସାହାଯ୍ୟ ଅଟନ୍ତି । ତେଣୁ, ଉତ୍କ୍ରୋଶପକ୍ଷୀର ଆଖି ଜରିଆରେ ଦେଖିବା ଭଳି, ଯେପରିକି ତାହା ଦେଖାଯାଏ, ସମସ୍ୟା ଘେରି ଆସୁଅଛି, ସେହି ମେଘଗୁଡାକ ମାଡି ଆସୁଛି, ନ୍ୟାୟ ବିଚାରର ସେହି ଗର୍ଜ୍ଜନ ଏବଂ ବିଜୁଳି ପୃଥିବୀ ଉପରକୁ ଆଘାତ କରୁଅଛି, ଆମେମାନେ ଜାଣୁ ଯେ ଝଡ଼ ତୋଫାନ ପାଖେଇ ଆସୁଛି ।

42 ଆଜି ରାତି, ହେ ପ୍ରଭୁ, ଆମେମାନେ ଏଠାରେ ଥିବା ଏମାନଙ୍କ ପାଇଁ ପ୍ରାର୍ଥନା କରୁଛୁ ଯେଉଁମାନେକି ସେମାନଙ୍କର ହାତ ଉଠାଇ ଅଛନ୍ତି । ମୁଁ ଜାଣେ ନାହିଁ ଯେ ସେମାନେ କଅଣ ଚାହାଁନ୍ତି, ହେ ପିତା, ତୁମେ ହିଁ ଜାଣ । ମୁଁ ପ୍ରାର୍ଥନା କରୁଛି ଯେ ତୁମେ ସେମାନଙ୍କର ମୂଲ୍ୟବାନ ପ୍ରାଣକୁ ସବୁକିଛି ଯୋଗାଇ ଦେବ, ଯାହାକି ସେହି ହାତ ଉଠାଇବା ପଛରେ ଅଭିପ୍ରାୟ ଅଟେ । ହେ ପ୍ରଭୁ, ତାହା ପ୍ରଦାନ କର । ରୋଗୀମାନଙ୍କୁ ସୁସ୍ଥ କର । କ୍ଲାନ୍ତ ଲୋକମାନଙ୍କୁ ସାନ୍ତ୍ୱନା ଦିଅ । ଦଳିତମାନଙ୍କୁ ଆନନ୍ଦ ପ୍ରଦାନ କର । କ୍ଲାନ୍ତ ଲୋକମାନଙ୍କୁ ଶାନ୍ତି ପ୍ରଦାନ କର, କ୍ଷୁଦିତ ଲୋକମାନଙ୍କୁ ଆହାର ଦିଅ, ତୃଷିତ ଲୋକମାନଙ୍କୁ ପେୟ ଯୋଗାଇ ଦିଅ, ଦୁଃଖୀମାନଙ୍କୁ ଆନନ୍ଦ ଦିଅ, ମଣ୍ଡଳୀକୁ ଶକ୍ତି ଦିଅ । ହେ ପ୍ରଭୁ, ଆଜି ରାତି ଆମମାନଙ୍କ ମଧ୍ୟରେ ଯୀଶୁଙ୍କୁ ନେଇ ଆସ, ଯେତେବେଳେକି ଆମେମାନେ ତାଙ୍କ ଭଗ୍ନ ଶରୀରର ନିଦର୍ଶନ ପ୍ରଭୁଭୋଜ ନେବାକୁ ଯାଉଅଛୁ । ହେ ପ୍ରଭୁ, ଆମେମାନେ ପ୍ରାର୍ଥନା କରୁଛୁ, ଯେ ସେ ଆମକୁ ଏକ ଉଲ୍ଲେଖନୀୟ ଉପାୟରେ ପରିଦର୍ଶନ କରିବେ ।

43 ଏହି ଛୋଟ ମଣ୍ଡଳୀକୁ, ଏହାର ପ୍ରିୟ ପାଳକ, ଆମର ଭାଇ ନେୱିଲ୍‌ଙ୍କୁ ଏବଂ ତାଙ୍କ ସପରିବାରକୁ ଆଶୀର୍ବାଦ କର, ଏବଂ ଦୀକନ୍, ତତ୍ତ୍ୱାବଧାରକ ଟ୍ରଷ୍ଟି, ଏବଂ ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଶୀର୍ବାଦ କର । ହେ ପ୍ରଭୁ, ସମଗ୍ର ବିଶ୍ୱରେ, ଅନ୍ୟ ସମସ୍ତଙ୍କୁ ଆଶୀର୍ବାଦ କର, ଯେଉଁମାନେକି ପ୍ରଭୁଙ୍କର ଆଗମନକୁ ଆନନ୍ଦରେ ଅପେକ୍ଷା କରୁଅଛନ୍ତି, ପ୍ରଦୀପଗୁଡ଼ିକୁ ସଫା କରି, ଏବଂ ଧୁଆଁ ନଳିକୁ ପରିଷ୍କାର କରି, ଏବଂ ସୁସମାଚାରର ଆଲୋକକୁ ଅନ୍ଧକାର ସ୍ଥାନରେ

ପ୍ରକାଶିତ କରୁଅଛନ୍ତି ।

44 ହେ ପ୍ରଭୁ, ଏହି ଅଳ୍ପ ବାକ୍ୟଗୁଡିକ ସହିତରେ, ମୋତେ ସାହାଯ୍ୟ କର । ଆମେମାନେ ଏହାକୁ ଯେତେବେଳେ ପାଠ କରୁ ଆଶୀର୍ବାଦ କର, ଏବଂ ଆମକୁ ପ୍ରସଙ୍ଗ ଦିଅ, ଯେହେତୁ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

45 ବର୍ତ୍ତମାନ ଆମେମାନେ ପୁସ୍ତକ ଖୋଲି, ସାଧୁ ଯୋହନର ୬ଷ୍ଠ ପର୍ବକୁ ଯିବା, ଏବଂ ଏହା ଉତ୍ତମ ହେବ ଯଦି ଆମେମାନେ ପ୍ରତ୍ୟେକ ଜଣ ଘରକୁ ଯାଇ ସମ୍ପୂର୍ଣ୍ଣ ପର୍ବକୁ ପାଠ କରିବା । ମୁଁ ପାଠ କରିବାକୁ ଚାହେଁ, 47ତମ ପଦରୁ ଆରମ୍ଭ କରି, 59ତମ ପର୍ଯ୍ୟନ୍ତ, ତାକୁ ଅନ୍ତର୍ଭୁକ୍ତ କରି, କେବଳ ସେହି ବିଷୟବସ୍ତୁ ଉପରେ ଏକ ପାଠ୍ୟ ନିର୍ମାଣ କରିବାର ଏକ ଉପାୟ ଭାବରେ ଯାହାକି ହେଉଛି: *ପ୍ରଭୁଭୋଜ* ।

ଯୀଶୁ ବର୍ତ୍ତମାନ ପର୍ବରେ, କହୁଅଛନ୍ତି । ଏହା ଏକ ମହାନ ସମୟ ଥିଲା, ଏହି ପର୍ବଗୁଡ଼ିକ ଥିଲା । ସେମାନେ ପଥରରୁ ପାଣି ପିଇଥିଲେ, ଯାହାକି ମରୁଭୂମିରେ ଥିବା ସେହି ଶୈଳର ନିଦର୍ଶନସ୍ୱରୂପ ଥିଲା । ଏବଂ ସେମାନେ ସେହି ମାନ୍ନାକୁ, ଯାହାକି ଶହ ଶହ ବର୍ଷ ପୂର୍ବେ ପଡ଼ିଥିଲା, ସ୍ମରଣିକା ଭାବରେ, ଭୋଜନ କରିଥିଲେ । ଏହା କେବଳ ଏକ ନିସ୍ତାରପର୍ବ ଥିଲା, ଯେପରିକି ଆମର ଆଜି ରାତିରେ ଅଛି ।

*ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେ ମୋ ଉପରେ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି ।*

*ମୁଁ ଜୀବନଦାୟକ ଆହାର ।*

*ତୁମ୍ଭମାନଙ୍କର ପିତୃପୁରୁଷ ପ୍ରାନ୍ତରରେ ମାନ୍ନା ଭୋଜନ କରି ମୃତ୍ୟୁଭୋଗ କଲେ ।*

*କେହି ଯେପରି ଭୋଜନ କରି, ମୃତ୍ୟୁଭୋଗ ନ କରେ, ଏଥି ନିମନ୍ତେ ସ୍ୱର୍ଗରୁ ଅବତରଣ କରିବା ଆହାର ଏହା ଅଟେ ।*

*ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ସେହି ଜୀବନର ଆହାର: କେହି ଯଦି ଏହି ଆହାର ଭୋଜନ କରେ, ସେ ଅନନ୍ତ କାଳ ପର୍ଯ୍ୟନ୍ତ ଜୀବିତ ରହିବ: ହଁ ମୁଁ ଯେଉଁ ଆହାର ଦେବି ତାହା ମୋହର ମାଂସ, ମୁଁ ତାହା ଜଗତର ଜୀବନ ନିମନ୍ତେ ଦେବି ।*

*ଏଥିରେ ଯିହୂଦୀମାନେ ପରସ୍ପର ବାଗଯୁଦ୍ଧ କରି କହିବାକୁ ଲାଗିଲେ, ଏ କିପରି ଆମ୍ଭମାନଙ୍କୁ ଆପଣା ମାଂସ ଖାଇବାକୁ ଦେଇ ପାରେ?*

*ସେଥିରେ ଯୀଶୁ ସେମାନଙ୍କୁ କହିଲେ, ସତ୍ୟ, ସତ୍ୟ, ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟପୁତ୍ରଙ୍କର ମାଂସ ଭୋଜନ ନ କଲେ, ଓ ତାହାଙ୍କ ରକ୍ତ ପାନ ନ କଲେ, ତୁମ୍ଭମାନଙ୍କଠାରେ ଜୀବନ ନାହିଁ ।*

*ଯେ ମୋହର ମାଂସ ଭୋଜନ କରେ, ଓ ମୋହର ରକ୍ତ ପାନ କରେ, ସେ ଅନନ୍ତ ଜୀବନ ପ୍ରାପ୍ତ ହୁଏ; ଆଉ ମୁଁ ଶେଷ ଦିନରେ ତାହାକୁ ଉତ୍‌ଥାପନ କରିବି ।*

*କାରଣ ମୋହର ମାଂସ ପ୍ରକୃତ ଖାଦ୍ୟ, ଓ ମୋହର ରକ୍ତ ପ୍ରକୃତ ପେୟ ।*

*ଯେ ମୋହର ମାଂସ ଭୋଜନକରେ, ଓ ମୋ ରକ୍ତ ପାନ କରେ, ସେ ମୋ ଠାରେ ରହେ, ଓ ମୁଁ ତାହାଠାରେ ରହେ ।*

*ଜୀବନ୍ତ ପିତା ଯେପରି ମୋତେ ପ୍ରେରଣ କଲେ, ଓ ମୁଁ ପିତାଙ୍କ ହେତୁରୁ ଜୀବିତ ଥାଏ: ସେହିପରି ଯେ ମୋତେ ଭୋଜନ କରେ, ସେ ମଧ୍ୟ ମୋ ହେତୁ ଜୀବିତ ରହିବ ।*

*ଯେଉଁ ଆହାର ସ୍ୱର୍ଗରୁ ଅବତରଣ କରିଅଛି ତାହା ଏହି: ପିତୃପୁରୁଷ ଯେପରି ଭୋଜନ କରି ମୃତ୍ୟୁଭୋଗ କଲେ, ସେପ୍ରକାର ନୁହେଁ: ଯେ ଏହି ଆହାର ଭୋଜନ କରେ…ସେ ଅନନ୍ତ କାଳ ପର୍ଯ୍ୟନ୍ତ ଜୀବିତ ରହିବ ।*

*ସେ କଫର୍ନାହୂମର ଗୋଟିଏ ସମାଜଗୃହରେ ଶିକ୍ଷା ଦେଉଥିବା ସମୟରେ ଏହିସମସ୍ତ କଥା କହିଲେ ।*

46 ପ୍ରଭୁ ଆପଣା ବାକ୍ୟକୁ ଆଶୀର୍ବାଦ କରନ୍ତୁ । ମୁଁ କେବଳ ଅଳ୍ପ କିଛି ମିନିଟ୍ ପାଇଁ, ଏହା ଉପରେ କହିବାକୁ, ଚାହେଁ, *ପ୍ରଭୁଭୋଜ । ପ୍ରଭୁଭୋଜ* ବା ଇଂରାଜୀରେ କମ୍ୟୁନିୟନ ଶବ୍ଦର ଅର୍ଥ କଅଣ? *କମ୍ୟୁନ* ଅର୍ଥ "କଥାବାର୍ତ୍ତା କରିବା ।" ଏହା କରିବା, ଏହା…*ପ୍ରଭୁଭୋଜ*ର ଅର୍ଥ ବାସ୍ତବରେ ହେଉଛି "ସହଭାଗିତା କରିବା, ପରସ୍ପର ସହିତ କଥାବାର୍ତ୍ତା କରିବା ।" ଯଦି ଆପଣ ଫୋନ୍ ଯୋଗେ କାହା ସହିତ କଥାବାର୍ତ୍ତା କରନ୍ତି, ଆପଣ ସେଠାରେ ଏକ ବାର୍ତ୍ତାଳାପ କରୁଥାଆନ୍ତି, ତେବେ ଆପଣ ପରସ୍ପର ଜଣେ ଅନ୍ୟ ସହିତ ସହଭାଗିତା କରୁଅଛନ୍ତି । ଏବଂ ଯଦି ଆମେମାନେ ଗୋଟିଏ ପାର୍ଶ୍ୱକୁ ଆସି ଭବନର ପଛପଟେ ଛିଡ଼ା ହେବା, କୌଣସି ବ୍ୟକ୍ତି ଏବଂ ପାଳକ, କିମ୍ବା ଯେକୌଣସି ଦୁଇ ଜଣ ବ୍ୟକ୍ତି, ସେମାନେ ଜଣେ ଅନ୍ୟ ସହିତ ସହଭାଗିତା କରୁଥାଆନ୍ତି ।

47 ବର୍ତ୍ତମାନ, ଆପଣ ରେଡିଓ ଦ୍ୱାରା ସହଭାଗିତା କରନ୍ତି ନାହିଁ, କାରଣ ଆପଣ ଫେରି ପ୍ରତ୍ୟୁତ୍ତରରେ ତାକୁ, କିମ୍ବା ଟେଲିଭିଜନ୍‌କୁ କିଛି କହିପାରନ୍ତି ନାହିଁ । ମାତ୍ର ଯେତେବେଳେ… ଆପଣ ଟେଲିଫୋନ୍ ଯୋଗେ କରିପାରନ୍ତି, କାରଣ ଆପଣ ପରସ୍ପର ଜଣେ ଅନ୍ୟ ସହିତ ଉତ୍ତର ପ୍ରତ୍ୟୁତ୍ତରରେ କଥାବାର୍ତ୍ତା କରୁଥାଆନ୍ତି, କେବଳ ଗୋଟିଏ ପଟରୁ ନୁହେଁ । ଏହା…ମୁଁ ବର୍ତ୍ତମାନ ଆପଣମାନଙ୍କ ସହିତ କଥାବାର୍ତ୍ତା କରିପାରେ ନାହିଁ, କାରଣ ଆପଣ ପ୍ରତ୍ୟୁତ୍ତରରେ କିଛି କୁହନ୍ତି ନାହିଁ । ତେଣୁକରି, ଅତଏବ, ଏହା ସେହିପରି ନୁହେଁ ଯେପରିକି ଆପଣ ଜଣେ ସେବକଙ୍କୁ ତାଙ୍କର ବାର୍ତ୍ତା ପ୍ରଦାନ କରୁଥିବାର ଶୁଣିବାକୁ ଆସନ୍ତି । ତାହା ଏକାଠି ହୋଇ, ସହଭାଗିତା ନିମନ୍ତେ, ଆସିବା ବିଷୟ ନୁହେଁ । ସହଭାଗିତା ତାହା ହେବ ନାହିଁ…ଯଦି ଆପଣ କେବଳ ସେବକଙ୍କ ସହ ସହଭାଗିତା କରିବା ପାଇଁ ଆସନ୍ତି, ତେବେ ଆପଣ ତାଙ୍କୁ ଗୋଟିଏ

ପାର୍ଶ୍ୱକୁ ଡାକିବେ, କିମ୍ବା କୌଣସି ବ୍ୟକ୍ତିଙ୍କୁ, ଏବଂ ସେହି ପୁରୁଷ କିମ୍ବା ମହିଳାଙ୍କ ସହିତ କଥାବାର୍ତ୍ତା କରିବେ।

48 ମାତ୍ର ଆମେମାନେ ଯେଉଁ ବିଷୟକୁ ଆସୁଅଛୁ, ପ୍ରଭୁଭୋଜ କିମ୍ବା ସହଭାଗିତାକୁ, ତାହା ଆମେମାନଙ୍କ ପ୍ରତ୍ୟେକଜଣଙ୍କ ନିମନ୍ତେ ବ୍ୟକ୍ତିଗତ ଭାବରେ ଖ୍ରୀଷ୍ଟଙ୍କ ସହିତ ସହଭାଗିତା କରିବା ଅଟେ। ତାହା ହେଉଛି ସହଭାଗିତା। ତେବେ, ସହଭାଗିତା କେବଳ ସଂପୂର୍ଣ୍ଣ ଭାବରେ *ଜଣେ* ହିଁ କଥାବାର୍ତ୍ତା କରିବା ନୁହେଁ, ଆମେ ହିଁ ସମସ୍ତ କଥାବାର୍ତ୍ତା କରିବା ବିଷୟ ନୁହେଁ, ମାତ୍ର ତାହା ନିମନ୍ତେ ଅପେକ୍ଷା କରିବା ଓ ଦେଖିବା ଯେ ସେ ଆମକୁ ପ୍ରତ୍ୟୁତ୍ତରରେ କଅଣ କହୁଅଛନ୍ତି।

49 ତେବେ, ସେହିଠାରେ ହିଁ ଅଟେ ଯେଉଁଠାରେକି, ଅନେକ ଥର, ଆମେମାନେ ଆମର ବଡ଼ ଭୁଲ୍ କରିଥାଉ, ତାହା ହେଉଛି, ଆମେ ସମସ୍ତ କଥାବାର୍ତ୍ତା କରିଥାଉ ଏବଂ ତାହାଙ୍କୁ ଉତ୍ତର ଦେବା ନିମନ୍ତେ ଏକ ସୁଯୋଗ ଦେଇ ନ ଥାଉ ଏବଂ ଅପେକ୍ଷା କରି ନ ଥାଉ। ବେଳେବେଳେ ଆମେ ଚାଲିଯାଉ ଓ, କହିଥାଉ, "ପ୍ରଭୁ, ମୁଁ ଚାହେଁ ଯେ ତୁମେ *ଅମୁକ-ଓ-ଅମୁକ* ଏବଂ *ଅମୁକ-ଓ-ଅମୁକ* କର, ଆମେନ୍," ଏବଂ ଉଠି ଚାଲି ଯାଇଥାଉ। ତେବେ, ତାହା ପ୍ରକୃତରେ ସହଭାଗିତା ନୁହେଁ। ତାହା ତ ହେଉଛି ଯିବା ଏବଂ ଏକ ଅନୁଗ୍ରହ ଭିକ୍ଷା କରିବା। ମାତ୍ର ଯେତେବେଳେ ଆପଣ ଯଥେଷ୍ଟ ସମୟ ଅପେକ୍ଷା କରି ରହିଥାଆନ୍ତି ଯେପର୍ଯ୍ୟନ୍ତକି ସେ ଫେରି ଉତ୍ତର ନ ଦିଅନ୍ତି, ସେତେବେଳେ ହିଁ ତାହା ଅଟେ ଯେ ଆପଣ ପ୍ରଭୁଭୋଜ ବା ସହଭାଗିତା ପାଉଅଛନ୍ତି, ପ୍ରଭୁଙ୍କ ସହିତ ସହଭାଗିତା କରୁଅଛନ୍ତି। ତେବେ, ଏବଂ ସହଭାଗିତା କରିବାର ଏକ ଅତ୍ୟୁତ୍ତମ ଉପାୟ, ହେଉଛି ସହମତ ହେବା, ଆପଣଙ୍କୁ ତ କେତେକ ବିଷୟଗୁଡିକ ଉପରେ ସହମତ ହେବାକୁ ଅଛି। ତେବେ, ଏବଂ ଏହା ଆଶ୍ଚର୍ଯ୍ୟଜନକ ଅଟେ ଯେ ବେଳେବେଳେ ଯେତେବେଳେ ଆମେମାନେ ସେହି ଜିନିଷଗୁଡିକ ପାଇଥାଉ...

50 ଭୋଜନ କରିବା ଏହା ସହିତ ଜଡିତ ଅଟେ। ତେବେ, ଆପଣ ବ୍ୟବସାୟ କରୁଥିବା ଲୋକମାନଙ୍କୁ ନିଅନ୍ତୁ, ଯେତେବେଳେ ସେମାନେ ଏକ ବ୍ୟବସାୟ ଚୁକ୍ତି କରିବାକୁ ଚାହାଁନ୍ତି, ସେମାନେ କାହାରିକୁ ରାତ୍ରୀ ଭୋଜନ ନିମନ୍ତେ ନିମନ୍ତ୍ରଣ କରିବେ। ଆଉ ତାହାପରେ ସେମାନେ ବସି ଭୋଜନପାନ କରନ୍ତି, ଏବଂ ପରେ ପରସ୍ପର ଜଣେ ଅନ୍ୟ ସହିତ କଥାବାର୍ତ୍ତା କରନ୍ତି। ଜଣେ ଭଲ ବିକ୍ରେତା, ସାଧାରଣତଃ ସେ ଖାଲି ପେଟରେ ଥିବା ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କରିପାରେ ନାହିଁ। ଏହା ସେପର୍ଯ୍ୟନ୍ତ ଅପେକ୍ଷା କରିବା ଉତ୍ତମ ଅଟେ ଯେପର୍ଯ୍ୟନ୍ତକି ସେ ଭଲ ଅନୁଭବ ନ କରେ, ଏବଂ ତାହାପରେ ଯେତେବେଳେକି ସେ ଜଳଖିଆ ଖାଇ ସାରିଥାଏ। ସେଠାରେ ପହଞ୍ଚି ତାଙ୍କୁ ବିଛଣାରୁ ଉଠାଇ ତାଙ୍କୁ ଏପରି କିଛି ବିଷୟରେ କୁହନ୍ତୁ ନାହିଁ ଯାହାକି ଆପଣ ତାଙ୍କୁ ବିକ୍ରୟ କରିବାକୁ ଯାଉଅଛନ୍ତି, ମାତ୍ର ସେପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଯେପର୍ଯ୍ୟନ୍ତକି ସେ ତାଙ୍କର ଜଳଖିଆ ନ କରି ନିଅନ୍ତି ଏବଂ—ଏବଂ ସବୁ ସ୍ଥିତିରେ ସୁବ୍ୟବସ୍ଥିତ ନ ହୋଇଯାଆନ୍ତି।

51 ଅନ୍ୟ ଦିନ, ସେହି ସ୍ତ୍ରୀଲୋକ ବିଷୟରେ ପ୍ରଚାର କରିଥିଲି ଯିଏକି ଯୀଶୁଙ୍କ ପାଦ ଧୋଇ ଦେଇଥିଲେ, ଉପର କାନାଡାରେ ମୁଁ ଏହାକୁ କହୁଥିଲି, ଏହା କହୁଥିଲି ଯେ ଯେତେବେଳେ ଜଣେ ଅତିଥି ଅନ୍ୟ ଜଣଙ୍କୁ ଦେଖା କରିବା ପାଇଁ ଆସନ୍ତି, ଏହି ବ୍ୟକ୍ତିଙ୍କର କେତେକ ନିର୍ଦ୍ଦିଷ୍ଟ କ୍ରିୟାକଳାପମାନ ରହୁଥିଲା ଯାହା ଦେଇ ସେମାନଙ୍କୁ ଯିବାକୁ ପଡୁଥିଲା ଏହା ପୂର୍ବେକି ସେମାନେ ପରିଦର୍ଶନ କରିବାକୁ, କିମ୍ବା, ସହଭାଗିତା କରିବାକୁ ଆସିବା ନିମନ୍ତେ ପ୍ରକୃତରେ ସ୍ୱାଗତଯୋଗ୍ୟ ଅନୁଭବ କରୁଥିଲେ। ଏକ ପରିଦର୍ଶନ ହେଉଛି ସହଭାଗିତା କରିବା। ତେବେ, ସେମାନେ ଆସିବେ…ନିମନ୍ତ୍ରିତ, ପ୍ରଥମେ ଆପଣଙ୍କୁ ନିମନ୍ତ୍ରିତ କରାଯିବାକୁ ଥାଏ। ତାହାପରେ ଆପଣ ଦ୍ୱାର ନିକଟକୁ ଆସନ୍ତି ଏବଂ ସେହି ଦାସ ପାଦ ଧୋଇ ଦିଅନ୍ତି, କାରଣ ଆପଣ ଯାତ୍ରା କରିଥାଆନ୍ତି, ଆପଣଙ୍କଠାରେ ପଶୁମାନଙ୍କର ସେହି—ର ସେହି ଗନ୍ଧ ରହିଥାଏ ଏବଂ ରାସ୍ତାର ଇତ୍ୟାଦି ସବୁ ଲାଗି ରହିଥାଏ। ସେମାନେ ସମସ୍ତେ…ସେହି ଲୋକମାନେ ସେହି ପଶୁ ସହିତ ସମାନ ରାସ୍ତାରେ ଯାତ୍ରା କରିଥାଆନ୍ତି, ଏବଂ—ଏବଂ ତାହାପରେ ସେଠାରେ ଏକ ଗନ୍ଧ ଏବଂ ଧୂଳି ରହିଥାଏ, ଏବଂ ପାଲେଷ୍ଟାଇନ ପୋଷାକରେ ଏହା ଲାଗି ଯାଇଥାଏ ଏବଂ ଏହା ପାଦର ଝାଳ ଉପରେ ଜମା ହୋଇ ଯାଇଥାଏ, ଏବଂ ମୁଖର ସେହି ଅଂଶ ଉପରେ ଯାହା ଅନାବୃତ ଥାଏ, ଏବଂ—ଏବଂ ହାତ ଉପରେ ଜମା ହୋଇ ଯାଇଥାଏ। ଏବଂ—ଏବଂ ସେହି ଦାସମାନେ ସେମାନଙ୍କୁ ଦ୍ୱାରରେ ଭେଟନ୍ତି, ସେହି ଦାସ ସାକ୍ଷାତ କରନ୍ତି, ଏବଂ ସେମାନଙ୍କର ପାଦ ଧୋଇ ଦିଅନ୍ତି। ଏବଂ ତାହାପରେ ଆଉ ଜଣେ ବ୍ୟକ୍ତି ସେଠାରେ ଏକ ଗାମୁଛା ଏବଂ ଏକ—ଏକ ସୁଗନ୍ଧି ତୈଳ ନେଇ ଛିଡା ହୋଇଥାଏ, ଏବଂ ସେମାନେ ଏହି ସୁଗନ୍ଧି ତୈଳକୁ ହାତରେ ଛିଞ୍ଚି ଦିଅନ୍ତି, ଏବଂ ସେମାନେ ଏହାକୁ ଏହିପରି ଭାବରେ ଘଷନ୍ତି, ଏବଂ—ଏବଂ ଏହାକୁ ସେମାନଙ୍କ ମୁହଁ ଉପରେ ଘଷନ୍ତି, ତାହାପରେ ଏକ ଗାମୁଛା ନେଇ ନିଜକୁ ପୋଛନ୍ତି। ତାହା ସମସ୍ତ ମଇଳା ଏବଂ ଦୁର୍ଗନ୍ଧକୁ ସଫା କରି ଦେଇଥାଏ। ଏବଂ ଏଥିରେ ଏପରି କିଛି ବିଷୟ ରହିଥାଏ ଯାହାକି ଏକ ସତେଜତା ପ୍ରଦାନ କରେ, ଯେପରିକି ମେନ୍‌ଥୋଲ ଅଟେ, ଏବଂ ଏହା ସେମାନଙ୍କୁ ଅଧିକ ଭଲ ଅନୁଭବ କରାଏ।

52 ତାହାପରେ ଯେତେବେଳେ ସେମାନେ ଭିତରକୁ ପ୍ରବେଶ କରନ୍ତି, ଆପଣଙ୍କର ସେହି ପୁରୁଣା ମଇଳା ଜୋତା ସହିତ ନୁହେଁ, ସେହି ସୂକ୍ଷ୍ମ ଗାଲିଚା ଉପରେ, ସେମାନଙ୍କର ଏକ ଛୋଟ ରହିଥାଏ, ଘରେ ପିନ୍ଧୁଥିବା ଏକ ପାଦୁକା ପରି, ଏବଂ ସେମାନେ ଭିତରକୁ ପ୍ରବେଶ କରନ୍ତି। ଏବଂ ତାହାପରେ ସେହି—ସେହି ଅତିଥି ଭିତରକୁ ପ୍ରବେଶ କରନ୍ତି ଏବଂ—ଏବଂ ତାହାପରେ ସେହି ଆମନ୍ତ୍ରଣକାରୀ ବ୍ୟକ୍ତି ସେମାନଙ୍କୁ ସ୍ୱାଗତ ଚୁମ୍ବନ କରନ୍ତି—କରନ୍ତି। ଏବଂ, ଦେଖନ୍ତୁ, ଆପଣ ଚାହିଁବେ ନାହିଁ ଯେ ସେହି ଆମନ୍ତ୍ରଣକାରୀ ବ୍ୟକ୍ତିଜଣକ ଆପଣଙ୍କୁ ସେତେବେଳେ ଚୁମ୍ବନ କରନ୍ତୁ ଯେତେବେଳେ ଆପଣ ଖରାପ ଗନ୍ଧ ଦେଉଥାଆନ୍ତି। ଆପଣ ସେହି ଗାଲିଚା ଉପରେ ଚାଲିବାକୁ ଚାହିଁବେ ନାହିଁ ଯେତେବେଳେ ଆପଣ ଅପରିଷ୍କାର ଥାଆନ୍ତି, ଏବଂ ତାହାପରେ ସେହି ଆମନ୍ତ୍ରଣକାରୀ ବ୍ୟକ୍ତିଜଣକ ଆପଣଙ୍କୁ ସ୍ୱାଗତ ଚୁମ୍ବନ କରିବେ, ଏବଂ ତାହାପରେ ଆପଣ ସେହି ଘରେ ଥିବା ଲୋକମାନଙ୍କ ମଧ୍ୟରୁ ଜଣେ ହୋଇଯାଆନ୍ତି।

53 ଏବଂ, ବର୍ତ୍ତମାନ, ପରମେଶ୍ୱରଙ୍କର ଏପରି କିଛି ବିଷୟଗୁଡିକ ରହିଅଛି। ଏହା ପୂର୍ବେକି ଆମେମାନେ ବାସ୍ତବରେ ପରମେଶ୍ୱରଙ୍କ ସହିତ ସହଭାଗିତା ନିମନ୍ତେ ପ୍ରସ୍ତୁତ ହୋଇଥାଉ, ଆମକୁ ପ୍ରଥମେ ବାକ୍ୟରୂପ ଜଳ ଦ୍ୱାରା ପ୍ରକ୍ଷାଳନ ହେବା ଆବଶ୍ୟକ ଅଟେ। ପୃଥକୀକରଣ, ପୃଥକୀକରଣର ଜଳ ଯାହାକି ଆମକୁ ଆମର ପାପଗୁଡିକରୁ ପୃଥକୀକୃତ କରେ। ତେବେ, ପ୍ରଥମେ, ଆପଣ ପରମେଶ୍ୱରଙ୍କ ସହ କଥାବାର୍ତ୍ତା କରିପାରନ୍ତି ନାହିଁ ଏବଂ ଆପଣ ପରମେଶ୍ୱରଙ୍କ ସହ ସହଭାଗିତା କରିପାରନ୍ତି ନାହିଁ, ଏବଂ ସେଠାରେ...ପ୍ରଥମେ ତ, ଆପଣଙ୍କୁ ତାହା ପାଇଁ ଅନୁତାପ କରିବାକୁ ଅଛି ଯାହା ଆପଣ କରିଥାଆନ୍ତି, କାରଣ ଆପଣ ଅନୁତାପ ନ କରୁଥିବା ଯାଏଁ ଆପଣ ସଠିକ୍ ବିଶ୍ୱାସ କରିପାରନ୍ତି ନାହିଁ, "ହେ ପ୍ରଭୁ, ମୋର ଅବିଶ୍ୱାସକୁ କ୍ଷମା କର।" ବୁଝିଲେ? "ମୋର ଅବିଶ୍ୱାସକୁ କ୍ଷମା କର।" ପ୍ରଥମେ, ଆପଣଙ୍କୁ ତ ଅନୁତାପ କରିବାକୁ ଅଛି। ଏବଂ, ଯେତେବେଳେ ଆପଣ ଅନୁତାପ କରନ୍ତି, ତାହାପରେ ଯାଇ ଆପଣ...ଆପଣଙ୍କର ପଶ୍ଚାତ୍ ସମୟର କରିଥିବା ପାପଗୁଡିକ କ୍ଷମା କରା ଯାଇଥାଏ, ତାହାପରେ ଆପଣ ବାପ୍ତିସ୍ମ ନିମନ୍ତେ ଜଣେ ପ୍ରାର୍ଥୀ ହୁଅନ୍ତି। ତେବେ, ବାପ୍ତିସ୍ମ ହୋଇସାରିବା ପରେ, ସେ ପବିତ୍ରଆତ୍ମାଙ୍କର ପ୍ରତିଜ୍ଞା କରିଛନ୍ତି।

54 ତେବେ, ବିଷୟଟି ହେଉଛି, ଯେ, ଏହି ସହଭାଗିତା କରିବାରେ, ଆମେମାନେ ପାଉ ଯେ ସେଠାରେ ଏକ—ଏକ ପାଦ-ପ୍ରକ୍ଷାଳନ ବିଷୟ ରହିଥିଲା ଏବଂ ତାହା ସହିତ ଜଡିତ ଅନ୍ୟାନ୍ୟ ଜିନିଷଗୁଡ଼ିକ, ମଧ୍ୟ ରହିଥିଲା, ଯେପରିକି ଆମର ପାଦଗୁଡିକ ଧୁଆହୁଏ, ଯାହାକି ପବିତ୍ରଆତ୍ମାଙ୍କ ଶୁଚି ବିଷୟକୁ ଏକ ପ୍ରତୀକ ଭାବରେ ଦର୍ଶାଇଥାଏ।

55 ବର୍ତ୍ତମାନ, ତେବେ, ସେଠାରେ ଏକ ପାରସ୍ପରିକ ଭାବନା ରହିବା ଜରୁରୀ ଅଟେ। ଯଦି ଆପଣ ନିଜର—ନିଜର ଆମନ୍ତ୍ରଣକାରୀଠାରୁ ଦୂର ଗୋଟିଏ କୋଣରେ ରହିଥାଆନ୍ତି, ତେବେ ଆପଣ—ଆପଣ ସହଭାଗିତା କରିପାରନ୍ତି ନାହିଁ। ନା, ଆପଣ—ଆପଣ ତାହା କରିପାରନ୍ତି ନାହିଁ, କାରଣ ଆପଣ ତାଙ୍କ ସହିତ ଅସହମତ ହେଉଥାଆନ୍ତି। ମାତ୍ର ଯଦି ଆପଣ ଏକମତ ଥାଆନ୍ତି, ତେବେ ଆପଣ ସହଭାଗିତା କରିପାରନ୍ତି। ତେଣୁକରି ତାହାହିଁ ସେହି ଉପାୟ ଅଟେ ଯେ ଯେତେବେଳେ ଆମେମାନେ ପ୍ରଭୁଙ୍କର ମେଜକୁ ଆସିଥାଉ, ଆମକୁ ତାହାଙ୍କର ବାକ୍ୟ ସହିତ ସହମତ ହେବା ଆବଶ୍ୟକ। ବୁଝିଲେ? ଆମକୁ ନୂତନ ଜନ୍ମ ହେବା ଆବଶ୍ୟକ, ଆମ ଭିତରେ ଥିବା ପରମେଶ୍ୱରଙ୍କ ଆତ୍ମାକୁ ସେ ଲେଖିଥିବା ପ୍ରତ୍ୟେକ ବାକ୍ୟକୁ "ଆମେନ୍" କହିବା ଆବଶ୍ୟକ, ତାହାପରେ ଯାଇ ଆମେ ତାହାଙ୍କ ସହିତ ସହଭାଗିତା କରିପାରୁ।

56 ଏହା ଆମେ ପରମେଶ୍ୱରଙ୍କଠାରୁ ପାଇଅଛୁ, ଯଦି ଆମର ହୃଦୟ ଆମକୁ ନିନ୍ଦା କରେ ନାହିଁ, ତାହାହେଲେ ଆମର ପରମେଶ୍ୱରଙ୍କଠାରେ ଅନୁଗ୍ରହ ଅଛି। ଆମେମାନେ ଜାଣୁ ଯେ ଆମେ ଆମର ଅନୁରୋଧଗୁଡିକ ଏବଂ ଆମର ନିବେଦନମାନ ଗ୍ରହଣ କରାଯାଇଥାଏ, ଯେହେତୁ ଆମର ହୃଦୟଗୁଡିକ ଆମକୁ ନିନ୍ଦା କରି ନ ଥାଏ। ତେବେ, ଯଦି ପରମେଶ୍ୱର ଆମକୁ କୁହନ୍ତି ଯେ ଆମେ ନୂତନ ଜନ୍ମ ହେବା ଆବଶ୍ୟକ, ଏବଂ ଆମେ ନୂତନ ଜନ୍ମ

ପାଇନାହୁଁ, ତାହାହେଲେ ଯାଇ, ତାହାଙ୍କୁ କୌଣସି ବିଷୟ ମାଗିବାରେ ଆମେମାନଙ୍କୁ ଅଳ୍ପ ଟିକିଏ ମଜାଳିଆ ଅନୁଭବ ହେବ, ଦେଖନ୍ତୁ, କାରଣ ଆମେମାନେ ଜାଣୁ ଯେ ଆମେ ତାହାଙ୍କର ଆବଶ୍ୟକତାଗୁଡିକୁ ପୂରଣ କରି ନାହୁଁ । ତାହାପରେ କେବଳ ଗୋଟିଏ ବିଷୟ ଅଛି ତାହା ହେଉଛି ଗୋଟିଏ ପାପୀର ପ୍ରାର୍ଥନା । ମାତ୍ର ଆମେ ତାହାଙ୍କ ସହିତ କଥାବାର୍ତ୍ତା କରୁ ଯେତେବେଳେ ଆମେ ତାହାଙ୍କ ସହ ସହଭାଗୀତା କରିଥାଉ, ତାହା ସହଭାଗିତାକୁ ନେଇ ଆସିଥାଏ ।

57 ତେବେ, ପ୍ରଭୁଭୋଜ ନେବାର ଏହି ଉପାୟ, ମୁଁ ଏହାକୁ ଅଳ୍ପ ସମୟ ବ୍ୟାଖ୍ୟା କରିବାକୁ ଚାହେଁ । ତେବେ, ଆମେମାନେ ଗ୍ରହଣ କରିଥାଉ, ଯାହାକୁ ଆମେ *ପ୍ରଭୁଭୋଜ* ବୋଲି କହିଥାଉ, ତାହା ହେଉଛି ରୁଟି ଏବଂ ଦ୍ରାକ୍ଷାରସ । ତେବେ, ତାହାକୁ ଏତେ ଭୁଲ ଭାବରେ ଉପସ୍ଥାପିତ କରା ଯାଇଅଛି ଯେ ଏପରିକି ଏହା ବିଷୟରେ କହିବା ସୁଦ୍ଧା ଭଲ ନୁହେଁ । ଓଃ, କିପରି ଏହାକୁ ବର୍ଷ ବର୍ଷ ଧରି ଭୁଲ ଭାବରେ ଉପସ୍ଥାପିତ କରା ଯାଇଅଛି! ତାହା ପ୍ରକୃତରେ ପ୍ରଭୁଭୋଜ ନୁହେଁ, ତାହା ତ କେବଳ ଏକ ଆଜ୍ଞାକୁ ପାଳନ କରିବା ଅଟେ । ବୁଝିଲେ? ତେବେ, ସେହି କାରଣ ଯେ ଆମେ ଏହାକୁ ପ୍ରଭୁଭୋଜ ବୋଲି ବୋଲି କହିଥାଉ, ତାହା ହେଉଛି ଯେ ଏହା ସେହି କ୍ୟାଥୋଲିକ୍ ସଂଘରୁ ଆସିଅଛି ଯାହାକି ତାହାର ହେବା ବିଷୟରେ କହିଥାଏ "ପବିତ୍ର ପିଠା ରୁଟି, ଯାହାକି ଆକ୍ଷରିକ ଭାବରେ ପ୍ରଭୁ ଯୀଶୁଙ୍କ ଶରୀର ଅଟେ ।" ମାତ୍ର ଏହା ପ୍ରଭୁ ଯୀଶୁଙ୍କ ଶରୀର ନୁହେଁ! ଏହା ତ କେବଳ ତାହାଙ୍କ ଶରୀରର ସ୍ମୃତି ଉଦ୍ଦେଶ୍ୟରେ ଅଟେ ।

58 ମୋର ଏଥିରେ କିଛି ଯାଏ ଆସେ ନାହିଁ ଯେ କେତେ ପୁରୋହିତ କିମ୍ବା ପ୍ରଚାରକଗଣ, କିମ୍ବା ଯିଏ କେହି ବି ତାହାକୁ ଆଶୀର୍ବାଦ କରନ୍ତି, ଏହା ତ ତଥାପି ସୁଦ୍ଧା ରୁଟି ଏବଂ ଦ୍ରାକ୍ଷାରସ ଅଟେ । ସେଠାରେ କୌଣସି ପୁରୋହିତ ନାହାଁନ୍ତି ଯିଏକି ଆମ ପରି...ସେମାନେ ଆମକୁ କୁହନ୍ତି, ଯେ, "ପରମେଶ୍ୱର ସେତେବେଳେ ଶୁଣିବାକୁ ବାଧ୍ୟ ଯେତେବେଳେ ଯାଜକ ସେହି ପ୍ରଭୁଭୋଜକୁ ସମର୍ପଣ କରି," ଯାହାକୁ ସେମାନେ ପ୍ରଭୁଭୋଜ ବୋଲି କୁହନ୍ତି, "ସେହି ପିଠାଟିକୁ ପ୍ରଭୁ ଯୀଶୁଙ୍କର ଆକ୍ଷରିକ ଶରୀରରେ ପରିବର୍ତ୍ତିତ କରନ୍ତି । ତାହାପରେ ବିଶ୍ୱାସୀ ତାହା ଗ୍ରହଣ କରିଥାଏ, ଏବଂ ତାହା କମ୍ୟୁନିୟନ ବା ପ୍ରଭୁଭୋଜ ଅଟେ ।" ତାହା ଭୁଲ ଅଟେ!

59 *କମ୍ୟୁନ* କରିବା ହେଉଛି "କଥାବାର୍ତ୍ତା କରିବା, କଥୋପକଥନ କରିବା, ଏପରି କିଛି ଯାହାକୁ ଆପଣ କିଛି କହିପାରନ୍ତି ଏବଂ ଏହା ଆପଣଙ୍କୁ ପ୍ରତ୍ୟୁତ୍ତରରେ କଥା କହିବ ।" ତାହା ହେଉଛି କଥୋପକଥନ କରିବା । ଗୋଟିଏ ପିଠା ପ୍ରତ୍ୟୁତ୍ତରରେ କଥା କହିପାରେ ନାହିଁ । ତେଣୁକରି, ବାସ୍ତବରେ, ପ୍ରକୃତ ପ୍ରଭୁଭୋଜ ହେଉଛି ପବିତ୍ରଆତ୍ମା ପ୍ରତ୍ୟୁତ୍ତରରେ କଥା କହିବା । ଯେତେବେଳେ ଆପଣ ତାହାଙ୍କୁ କିଛି ମାଗନ୍ତି, ସେତେବେଳେ ସେ ପ୍ରତ୍ୟୁତ୍ତରରେ କଥା କୁହନ୍ତି, ତାହା ହେଉଛି ସଠିକ୍ ପ୍ରଭୁଭୋଜ । *ଏହା* ତ ଏକ ସ୍ମରଣିକା ଅଟେ, ଯେ ତାହା ଗ୍ରହଣ କରାଯାଏ...ତାହାଙ୍କର କ୍ରୁଶାର୍ପଣ ହେବା ଏବଂ ତାହାଙ୍କର ପୁନରୁତ୍ଥାନ ହେବା ବିଷୟରେ, ଏବଂ ଏକ କଥୋପକଥନ ନୁହେଁ । ଆମେ ଏହାକୁ ତାହା ବୋଲି ଡାକିଥାଉ, ମାତ୍ର

ଏହା ତାହା ନୁହେଁ । ଏହି ପିଠାକୁ ଗ୍ରହଣ କରାଯିବା, ତାହା ତ କ୍ୟାଥୋଲିକ୍ ମଣ୍ଡଳୀରୁ ଆସିଅଛି ଯେତେବେଳେକି ଆମେମାନେ ଅନ୍ୟ ଦିନ ସେହି କ୍ରମରେ ଦେଖିଥିଲୁ, ଏବଂ ସେହି ବିଷୟରେ *ପ୍ରତିମାପୂଜା ବନାମ ଖ୍ରୀଷ୍ଟିଆନ* ରେ କଥାବାର୍ତ୍ତା କରିଥିଲୁ ।

60 "କିପରି ଏହି ଛୋଟ ଗୋଲାକାର ପିଠାଟି ଖ୍ରୀଷ୍ଟଙ୍କର ଆକ୍ଷରିକ ଶରୀର ଅଟେ ।" ତେବେ, କ୍ୟାଥୋଲିକ୍ ମଣ୍ଡଳୀ ତାହା ବିଶ୍ୱାସ କରେ । କଅଣ ଆପଣ କେବେ ଲକ୍ଷ୍ୟ କରିଛନ୍ତି କି, ଏକ ଗୀର୍ଜାଘର ଦେଇ ଅତିକ୍ରମ କରି ଗଲା ବେଳେ, ସେମାନେ ନିଜ ଉପରେ ଏକ କୃଶ ଚିହ୍ନ କରନ୍ତି, ସେମାନଙ୍କର ଟୋପି ଉତାରି ଦିଅନ୍ତି, ଏବଂ ପ୍ରଭୃତି ସବୁ କରନ୍ତି? ଏହା ସେହି ଗୀର୍ଜାଘର ନୁହେଁ, ଏହା ତ ସେଠାରେ ଥିବା ସେହି ପିଠା ପ୍ରତି ଅଟେ, "ସେହି ଶରୀର ପ୍ରତି ଅଟେ ଯାହାକି ସେହି ପୁରୋହିତ ଗୋଟିଏ ପିଠାକୁ ନେଇ ଖ୍ରୀଷ୍ଟଙ୍କ ଆକ୍ଷରିକ ଶରୀରରେ ପରିଣତ କରିଅଛନ୍ତି," ଯେଉଁଠାରେ ମୂଷା ଏବଂ ମୂଷିକା ଏହାକୁ ନେଇ ଯାଇପାରନ୍ତି । କାହିଁକି, ଆପଣ କରନ୍ତି ନାହିଁ, ନାଗରିକ ଚିନ୍ତାଧାରା ବିଷୟରେ ଚିନ୍ତା କରିପାରନ୍ତି ନାହିଁ ଏବଂ ଭାବିପାରନ୍ତି ନାହିଁ ଯେ ଗୋଟିଏ ରୁଟି ଖଣ୍ଡକ ପ୍ରଭୁ ଯୀଶୁଙ୍କ ଏକ ଶରୀର ହୋଇଯିବ! ଏହା ହୋଇପାରେ ନାହିଁ ।

61 *ପ୍ରଭୁଭୋଜ* ହେଉଛି "କଥାବାର୍ତ୍ତା କରିବା, ଏବଂ ଏହା ପ୍ରତ୍ୟୁତ୍ତରରେ କଥାବାର୍ତ୍ତା କରିଥାଏ, ଏପରି କିଛି ଯାହା ସହିତ ଆପଣ କଥାବାର୍ତ୍ତା କରିଥାଆନ୍ତି ।" ସେହି ଶବ୍ଦ *କମ୍ୟୁନ* ଅର୍ଥ ହେଉଛି "ସହିତରେ କଥା ହେବା," କିମ୍ବା, "ଏପରି କିଛି ବିଷୟ ସହିତ ଜଡିତ ହେବା ଯାହାକି ଆପଣଙ୍କ ସହିତ ପ୍ରତ୍ୟୁତ୍ତରରେ କଥାବାର୍ତ୍ତା କରେ ।" ଏବଂ ପରମେଶ୍ୱର ଆପଣଙ୍କ ସହିତ ପ୍ରତ୍ୟୁତ୍ତରରେ କଥାବାର୍ତ୍ତା କରିଥାଆନ୍ତି । ଏବଂ ଏହା ତଥାପି ସୁଦ୍ଧା ରୁଟି ଏବଂ ଦ୍ରାକ୍ଷାରସ ଅଟେ, ଯାହାକୁ ଆମେ *ପ୍ରଭୁଭୋଜ* ବୋଲି କହିଥାଉ ।

62 ତେବେ, ଯୀଶୁ ଏଠାରେ କହିଲେ, ଯେପରିକି ମୁଁ ପାଠ କରେ, "ମୋ ଶରୀର ହେଉଛି ମାଂସ ଏବଂ ପେୟ, ମୋର ରକ୍ତ, ଶରୀର ଏବଂ ରକ୍ତ ହେଉଛି ମାଂସ ଏବଂ ପେୟ ।"

63 ତେବେ, ଆମେ ଯୀଶୁଙ୍କ ବିଷୟରେ ଭାବିବାକୁ ଚାହୁଁ ଏବଂ ତାହାଙ୍କ ସହିତ ଜଡିତ ହେବାକୁ ଚାହୁଁ, ଯେ ସେ କଅଣ ଥିଲେ । ତାଙ୍କର ଶରୀର କଅଣ ଅଟେ? ଖ୍ରୀଷ୍ଟଙ୍କ ଶରୀର କଅଣ ଅଟେ? ଏହା ବିଶ୍ୱାସୀମାନଙ୍କ ଶରୀର ଅଟେ ଯାହାକି ତାହାଙ୍କ ସହିତ ପବିତ୍ରଆତ୍ମା ଦ୍ୱାରା ଜଡିତ ଅଟନ୍ତି । କୌଣସି ଏକ ମୂର୍ତ୍ତି ନୁହେଁ, ଗୋଟିଏ ରୁଟି ଖଣ୍ଡକ ନୁହେଁ, ମାତ୍ର ଏକ ଆତ୍ମା ଯାହାକି ବିଶ୍ୱାସୀଙ୍କ ହୃଦୟରେ ଅଛି, ଏବଂ ସେମାନେ ଏକତ୍ର ଜଡିତ ଅଟନ୍ତି, ଯେ ମନୁଷ୍ୟ ଏବଂ ପରମେଶ୍ୱର ଯେତେବେଳେ ପରସ୍ପର ସହିତ କଥା ହୋଇପାରନ୍ତି, ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟାମାନେ । ମର୍ତ୍ତ୍ୟ ମଣିଷ, ରକ୍ତ ପାତିତ କରାଯିବା ଦ୍ୱାରା ପାପ କ୍ଷମାକୁ ଆଣି ଦେଇଥିଲା, ଏବଂ ଏହି ପୁରୁଷ ଏବଂ ଏହି ମହିଳା, ପୁଅ ବା ଝିଅ, ଯାହାଙ୍କର ଖ୍ରୀଷ୍ଟଙ୍କ ସହ ସହଭାଗିତା ରହିଛି, ତାହାଙ୍କ ସହିତ, ସେହି ଶରୀର ସହିତ ସହଭାଗିତା କରୁଅଛନ୍ତି ।

64 ଯେପରି ଜଣେ ସ୍ୱାମୀ ଏବଂ ସ୍ତ୍ରୀ ବସି ଏହା ଉପରେ ଆଲୋଚନା କରନ୍ତି, କିମ୍ବା ଜଣେ ପୁଅ ଏବଂ ତାଙ୍କ ଝିଅ ବନ୍ଧୁ, ଖ୍ରୀଷ୍ଟ ଏବଂ ତାହାଙ୍କ ମଣ୍ଡଳୀ ଏକତ୍ର ସହଭାଗିତା କରୁଅଛନ୍ତି । ସେହି

କାରଣରୁ ଆମେ ତାହାଙ୍କଠାରୁ ଶୁଣିପାରୁ, ଏବଂ ସେହି ଭବିଷ୍ୟତ୍ ବିଷୟକୁ ଦେଖିପାରୁ ଏହା ପୂର୍ବେକି ତାହା ଏଠାରେ ଘଟିଯାଏ, ଏବଂ ଭବିଷ୍ୟତ୍‌କୁ କହିପାରୁ ଯେ ଏହା ସିଦ୍ଧ ଅଟେ, କାରଣ ଆମେ ଯେ ଏପରି ଏକ ପରମେଶ୍ୱରଙ୍କ ସହିତ ସହଭାଗିତା କରୁ ଯିଏକି ତାହାଙ୍କ ହାତରେ ଅନନ୍ତତାକୁ ଧରି ରଖିଛନ୍ତି। ଖ୍ରୀଷ୍ଟଙ୍କ ଶରୀର, ପରସ୍ପର ଜଣେ ଅନ୍ୟ ସହିତ ସହଭାଗିତା କରୁଅଛନ୍ତି, ଖ୍ରୀଷ୍ଟଙ୍କ, ସେହି ରହସ୍ୟମୟ, ଖ୍ରୀଷ୍ଟଙ୍କ ଆତ୍ମିକ ଶରୀର। କୌଣସି ପ୍ରକାରର ପ୍ରତିମା, କିମ୍ବା ରୁଟି କିମ୍ବା ଏକ—ଏକ ଦ୍ରାକ୍ଷାରସ ସହିତ ଜଡିତ ନୁହେଁ, ମାତ୍ର ଏକ—ଏକ ଆତ୍ମିକ ରୂପରେ।

65 ତେବେ, ଯୀଶୁ ମଧ୍ୟ ସେହି ସମାନ କଥା କହିଥିଲେ। ଆପଣ ସାଧୁ ଯୋହନ, ତାର 4ର୍ଥ ପର୍ବ ନିଅନ୍ତୁ, କୂଅରେ ଥିବା ସେହି ନାରୀ ସହିତ କଥାବାର୍ତ୍ତା କରୁଥିବା ସମୟରେ, ସେହି ନାରୀ ଏପରି ଏକ ବିଷୟ ଉପରେ କହୁଥିଲା ଯେପରିକି, "ଆମର ପିତୃପୁରୁଷମାନେ ଏହି ନିର୍ଝରରୁ ପିଇଥିଲେ, ଏବଂ ଏହି କୂଅକୁ ଖୋଳିଥିଲେ, ଯାକୁବ, ଏବଂ—ଏବଂ ନିଜର ସନ୍ତାନଗଣ ଓ ପଶୁମାନଙ୍କୁ ଏହି ଜଳରୁ ପାନ କରାଇଥିଲେ, ଏବଂ ତୁମେ କହୁଛ, 'ଏକ ନିର୍ଦ୍ଦିଷ୍ଟ ନଗରରେ ଉପାସନା କର,' ଏବଂ ଅନ୍ୟମାନେ କୁହନ୍ତି, 'ଏହି ପର୍ବତରେ।'"

66 ଯୀଶୁ ଠିକ ସେତିକି—ସେତିକି କହିଥିଲେ, "ମାତ୍ର ଗୋଟିଏ ମିନିଟ୍! ଆମେମାନେ ଯିହୁଦୀ, ଏବଂ ଆମେମାନେ ବୁଝୁଅଛୁ ଯେ ତାହା କଅଣ ଅଟେ, ଉପାସନା କରିବା କଅଣ ଅଟେ। ମାତ୍ର ହେ ନାରୀ, ଏହା ପ୍ରତି କର୍ଣ୍ଣପାତ କର। ସମୟ ଆସୁଅଛି, ଏବଂ ବର୍ତ୍ତମାନ ଅଟେ, ଯେତେବେଳେକି ସେହି ପ୍ରକୃତ ଉପାସକମାନେ ଆତ୍ମା ଏବଂ ସତ୍ୟତାରେ ପରମେଶ୍ୱରଙ୍କର ଉପାସନା କରିବେ। 'ତୁମ୍ଭ ବାକ୍ୟ ହେଉଛି ସତ୍ୟ।' ଏବଂ ପିତା ଏପରି ଲୋକମାନଙ୍କୁ ଖୋଜନ୍ତି ଯେଉଁମାନେକି ତାହାଙ୍କୁ ଆତ୍ମାରେ ଏବଂ ବାକ୍ୟରେ, ସେହି ସତ୍ୟତାରେ ଉପାସନା କରିବେ। 'ତୁମ୍ଭ ବାକ୍ୟ ହେଉଛି ସତ୍ୟ।'" ତେବେ, ସେ ସେହି ନାରୀଙ୍କୁ ତାହା କହିଥିଲେ।

67 ଦେଖନ୍ତୁ, ଖ୍ରୀଷ୍ଟ...ପରମେଶ୍ୱର ଏକ ଆତ୍ମା ଅଟନ୍ତି। *ଖ୍ରୀଷ୍ଟ* ଅର୍ଥ "ସେହି ଅଭିଷିକ୍ତ ଜଣକ, ପରମେଶ୍ୱରଙ୍କ ଦ୍ୱାରା ଅଭିଷିକ୍ତ ଜଣେ ବ୍ୟକ୍ତି," ଯାହାକି ତାହାଙ୍କୁ ଖ୍ରୀଷ୍ଟ କରିଥିଲା। ତେବେ, ଖ୍ରୀଷ୍ଟ କହିଥିଲେ, "ମୁଁ ଭୋଜନ ଏବଂ ପେୟ ଅଟେ।" ଏକ ପିଠା ନୁହେଁ, ସେହି ୱେଫର୍ ପିଠା ନୁହେଁ ଯାହାକି ଆମେ ଏଠାରେ ଗ୍ରହଣ କରିଥାଉ। ତାହା ଖ୍ରୀଷ୍ଟ ନୁହଁନ୍ତି। ଯଜ୍ଞବେଦୀରେ ଆମେ ଯେଉଁ ଦ୍ରାକ୍ଷାରସ ପାନ କରିଥାଉ, ତାହା ଖ୍ରୀଷ୍ଟ ନୁହଁନ୍ତି। ଏହା ଏକ ସାଙ୍କେତିକ ଭାବରେ, ତାହାଙ୍କୁ ନିଦର୍ଶିତ କରିଥାଏ। ମାତ୍ର ଖ୍ରୀଷ୍ଟ ହେଉଛନ୍ତି ପବିତ୍ରଆତ୍ମା, ସେହି ଅଭିଷେକ ଯାହାକି ମଣ୍ଡଳୀ ଉପରେ ରହିଥାଏ, ତାହାହିଁ ହେଉଛି ଭୋଜନ ଏବଂ ପେୟ।

68 ସବୁଠୁ ବଡ କ୍ରନ୍ଦନ ଯାହାକି ସମଗ୍ର ଜଗତରେ ଅଛି, ମୁଁ ଆଶା କରେ ଯେ ଆପଣମାନଙ୍କ ମଧ୍ୟରୁ କେହି କେବେ ତାହା ନ ଶୁଣନ୍ତୁ, ମାତ୍ର, ଯଦି ଆପଣ କେବେ ଶୁଣିବେନ୍ତି, ତେବେ ଭୋକର କ୍ରନ୍ଦନ ସମତୁଲ୍ୟ ଆଉ କୌଣସି କ୍ରନ୍ଦନ ନାହିଁ। ଯେତେବେଳେ ଆପଣ ଜଣେ ମାଆକୁ ନିଜର ଶିଶୁ ସହିତ ଦେଖନ୍ତି, ଏବଂ ସେ ଚାଲିପାରୁ ନ ଥାଏ ଯେହେତୁ ସେ ଏତେ

ଦୁର୍ବଳ ଥାଏ, ଏବଂ ଛୋଟ ଶିଶୁଟି ମରିବା ଉପରେ ଥାଏ, ଭୋକରେ ତାର ପେଟ ଫୁଲି ଯାଇଥାଏ, ସେହି ମାଆର ହୃଦୟରୁ କାନ୍ଦୁଥିବାର ସେହି ଶବ୍ଦଗୁଡିକୁ ଶୁଣିବା, ସେହି ଶିଶୁର ଗାଲସବୁ ଭିତରକୁ ପଶି ଯାଇଥିବାର ଦେଖିବାଟା ଏପରିକି ସେଗୁଡିକ ଚର୍ମ ଏବଂ ହାଡ ଦେଖା ଯାଉଥାଏ, ଏବଂ ଏହାର ଛୋଟ ମାଢିଗୁଡିକ ଶୁଭ୍ର ଦେଖା ଯାଉଥାଏ, ଏବଂ ସେ କ୍ୱଚିତ୍ ହିଁ, କୌଣସି ଶବ୍ଦ କରିପାରେ ନାହିଁ, ତାର ଛୋଟ ଆଖିଗୁଡିକ ବାହାରି ଯାଇଥାଏ । ଭୋକ ଓ ତୃଷା ପରି କୌଣସି କ୍ରନ୍ଦନ ନାହିଁ ।

69 ବାହାରେ ମରୁଭୂମିରେ, କେତେ ଲୋକ ତୃଷା ଯୋଗୁଁ ନିଜର ଜୀବନ ହରାଇଥାଆନ୍ତି! ଅନେକ କାହାଣୀଗୁଡିକ ଅଛି, ଯାହାକି ମୁଁ ଆପଣଙ୍କୁ ମରୁଭୂମିର ପ୍ରକୃତ କାହାଣୀଗୁଡିକ କହି, ରାତିସାରା ରଖିପାରିବି । କିପରି ଯେ ଆପଣ ଯେତେବେଳେ...ଶୋଷିଲା ହୁଅନ୍ତି, କିପରି ଶୟତାନ ଆପଣଙ୍କୁ ଏକ—ଏକ ମୃଗତୃଷ୍ଣା ଦେଖାଇଥାଏ । ଆପଣ ସେଗୁଡିକୁ ଏଠାରେ ଦେଖିଛନ୍ତି, ସେଗୁଡିକୁ ଦେଖିବା ପାଇଁ ଆପଣଙ୍କୁ ପଶ୍ଚିମକୁ ଯିବାକୁ ପଡ଼େ ନାହିଁ । ମାର୍ଗରେ ଚାଲିଯାଆନ୍ତୁ, ଏବଂ ଏହା ଏପରି ଦେଖାଯିବ ଯେପରିକି ସେଠାରେ ମାର୍ଗରେ ପାଣି ଅଛି । ଆପଣମାନଙ୍କ ମଧ୍ୟରୁ ସମସ୍ତେ ତାହା ଦେଖିଛନ୍ତି, ଯେଉଁମାନେକି ଗାଡି ଚଲାଇ ସେହି ରାଜପଥରେ ଯାଇଥିବେ । ତାହା ଏକ ମିଥ୍ୟା ମୃଗତୃଷ୍ଣା ଅଟେ । ଏଠାରେ କିଛି ସମୟ ପୂର୍ବରୁ, ପ୍ରାୟଃ ତିନି କିମ୍ଵା ଚାରି ବର୍ଷ ପୂର୍ବେ, ମୁଁ ପାଠ କରିଥିଲି ଯେଉଁଠାରେ କିଛି ବତଖମାନେ, ଦେଶରେ ଉଡୁଥିବା ବେଳେ, ଏକ ମୃଗତୃଷ୍ଣାକୁ ଦେଖିଥିଲେ ଓ ରାସ୍ତାରେ ପଡ଼ି ଯାଇଥିଲେ, ଏହା ଭାବି ଯେ ସେମାନେ ପାଣିରେ ବାଡ଼େଇ ହୋଇ ଯାଉଛନ୍ତି । ଏବଂ ସେମାନେ କେବଳ ବିଚ୍ଛିନ୍ନ ହୋଇ, କଠିନ ରାସ୍ତାକୁ ଆଘାତ ଦେଇଥିଲେ, ଏହା ଭାବି ଯେ ସେମାନେ ପାଣିରେ ଅବତରଣ କରୁଛନ୍ତି, ଏକ ମୃଗତୃଷ୍ଣା ଥିଲା ।

70 କେତେଥର ଶୟତାନ ଲୋକମାନଙ୍କ ପ୍ରତି ଠିକ ସେହି ସମାନ କାର୍ଯ୍ୟକୁ କରିଥାଏ, ସେମାନଙ୍କୁ ଏକ ମିଥ୍ୟା ମୃଗତୃଷ୍ଣା ଦେଖାଇଥାଏ, ଯେଉଁଠାରେକି, ସେଠାରେ କିଛି ନ ଥାଏ, ମାତ୍ର ଏହା କେବଳ ଏକ କୃତ୍ରିମ-ବିଶ୍ଵାସ ଥାଏ । ଆଜି ଅନେକ ଲୋକମାନେ ଏକ କୃତ୍ରିମ-ବିଶ୍ଵାସ ଧର୍ମ ପାଇଥାଆନ୍ତି, ଏପରି କିଛି ପ୍ରସ୍ତୁତ କରିବାକୁ ଚେଷ୍ଟା କରିଥାଆନ୍ତି କିମ୍ଵା ସେଠାରେ ଏପରି କିଛି ଅଛି ବୋଲି ଛଳଣା କରିଥାଆନ୍ତି ଯେତେବେଳେକି ତାହା ସେପରି ନ ଥାଏ! ଯେପରି ସେହି ଛୋଟ ମିଶନାରୀ ମହିଳା କହିଥିଲେ ଯେ ସେ ସେପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ ଯେପର୍ଯ୍ୟନ୍ତକି ସେ ସକାରାତ୍ମକ ନ ହୋଇଗଲେ । ଉତ୍ତମ ହେବ ଯେ ଆମେ ତାହା କରିନେଉ । ଆପଣ ଫେରି ଆସି ପୁନର୍ବାର ଚେଷ୍ଟା କରିପାରନ୍ତି ନାହିଁ । ଆପଣ ଗୋଟିଏ ହିଁ ସୁଯୋଗ ପାଇଥାଆନ୍ତି, ଏବଂ ଆପଣ ବ୍ଲୁପ୍ରିଣ୍ଟ ନକ୍ସା ପାଇଥାନ୍ତି, ତେଣୁ ଉତ୍ତମ ହେବ ଯେ ଆମେ ଠିକ ସେହି ଚିହ୍ନ ପାଖକୁ ଚାଲିଯାଉ ।

71 ଭୋକର ସେହି କ୍ରନ୍ଦନ, ଶୁଣନ୍ତୁ, ଏହା ଏକ ବଡ଼ କ୍ରନ୍ଦନ ଅଟେ କାରଣ ଏହା ଏକ ଦୁଃଖଦ କ୍ରନ୍ଦନ ଥାଏ । ସେହି ବ୍ୟକ୍ତିଟି ମରୁଥାଏ । ଏବଂ, ଓଃ, ଯଦି ଆମେମାନେ ସେହି

ସ୍ଥାନକୁ ଯାଇପାରିବା, ଯଦି ଏହି ରାଷ୍ଟ୍ର ଏପରି ଏକ ସ୍ଥାନକୁ ଯାଇପାରେ ଯେଉଁଠାରେକି ଏହା ପରମେଶ୍ୱରଙ୍କ ନିମନ୍ତେ ଏତେ ଅଧିକ କ୍ଷୁଧିତ ହୋଇଯାଏ! ଏହା ତ ଅନାହାରର ଏକ ସବୁଠୁଁ ମନ୍ଦ ସ୍ଥିତି ଅଟେ ଯେ ଭାରତ ଭଳି ଦେଶଗୁଡିକ ଯେଉଁମାନେକି ଶାରୀରିକ ଭାବରେ ଅନାହାରରେ ଗ୍ରସିତ ଅଟନ୍ତି, ଏହି ରାଷ୍ଟ୍ରଟି ଆତ୍ମିକ ଅନାହାରରେ ଗ୍ରସିତ ହେଉଅଛି। ମାତ୍ର ଆପଣ ଏତେ ଦିନ ଅଧିକ ଭୋକରେ ରହିବା ପରେ, ଏହା ଏପରି ଏକ ସ୍ଥାନକୁ ପହଞ୍ଚିଯାଏ ଯେଉଁଠାରେକି ଆପଣ ଜାଣନ୍ତି ନାହିଁ ଯେ ଆପଣ ଭୋକିଲା ଅଟନ୍ତି।

72 ଠିକ ଯେପରି ଥଣ୍ଡା ଲାଗିବା ବିଷୟ। ଆପଣ ଏତେ ଅଧିକ, ଥଣ୍ଡା ଅନୁଭବ କରନ୍ତି, ଯେ ଆପଣଙ୍କୁ ଏତେ ଅଧିକ ଥଣ୍ଡା ଲାଗିଥାଏ, ଯେ ତାହାପରେ କିଛି ସମୟ ଉତ୍ତାରେ ଆପଣ ଗରମ ହୋଇଯାଆନ୍ତି। ଏବଂ ଯେତେବେଳେ ଆପଣ ତାହା ଅନୁଭବ କରନ୍ତି, ଆପଣ ମରୁଥାଆନ୍ତି! ଏବଂ ଆଜି ରାତିରେ ତାହାହିଁ ମାମଲା ଅଟେ। ମଣ୍ଡଳୀଗୁଡିକ ଏତେ ଥଣ୍ଡା ହୋଇଯାଇଛନ୍ତି ଯେ ଏପରିକି ସେମାନେ ବରଫ ଜମି ଯାଉଛନ୍ତି, ଏବଂ ଭାବନ୍ତି ଯେ ସେମାନେ ସଦସ୍ୟତା ଦ୍ୱାରା, ଉଷ୍ମ ହେଉଛନ୍ତି, ଏବଂ ଆତ୍ମିକ ଭାବରେ ମୃତ୍ୟୁବରଣ କରୁଥାଆନ୍ତି। ମରୁଥାଆନ୍ତି! ଏହା ଜାଣନ୍ତି ନାହିଁ। ଶେଷରେ, ସେ ନିଦ୍ରା ଯାଆନ୍ତି, ଏବଂ ତାହାହିଁ ଏଥିର ସବୁକିଛି ଅଟେ। ସେ ଆଉ ଜାଗ୍ରତ ହୁଅନ୍ତି ନାହିଁ, କାରଣ ତାଙ୍କ ଶିରାରେ ତାଙ୍କର ରକ୍ତ ଥଣ୍ଡା ହୋଇ ଜମି ଯାଇଥାଏ।

73 ତେବେ, ତୃଷିତ ହେବା। ଯୀଶୁ କହିଲେ, "ମୋର ରକ୍ତ ପ୍ରକୃତରେ ପେୟ ଅଟେ।" ଯଦି ଆପଣ ଜୀବନ ପାଇଁ କ୍ଷୁଧିତ ହେଉଥାଆନ୍ତି, ଜୀବନ ପାଇଁ ଭୋକିଲା ଅଟନ୍ତି, ତେବେ ଯୀଶୁଙ୍କର ପାଖରେ ହିଁ କେବଳ ସେହି ଜଳ ଅଛି ଯାହାକି ସେହି ତୃଷାକୁ ମେଣ୍ଟାଇପାରେ। "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ।" ସେଠାରେ ପ୍ରକାଶିତ ବାକ୍ୟରେ, ଏହା କହେ, "ଯିଏ ତୃଷିତ ଅଟେ ସେ ଜୀବନର ଜଳସ୍ରୋତ ନିକଟକୁ ଆସୁ ଓ ମୁକ୍ତ ଭାବରେ ପାନ କରୁ।" ଯଦି ଆପଣ ଜୀବନ ପାଇଁ ତୃଷାର୍ତ୍ତ ଅଟନ୍ତି!

74 ଆମେମାନେ ଦେଖୁ ଯେ ଜ୍ୟୋତିର୍ବିଜ୍ଞାନୀମାନେ ଭବିଷ୍ୟତ୍‌ବାଣୀ କରୁଛନ୍ତି, ଯେ ମାସର ଏହି ପ୍ରାରମ୍ଭିକ ଭାଗରେ କିମ୍ବା ପ୍ରଥମ ଭାଗରେ, ଦ୍ୱିତୀୟ କିମ୍ବା ପଞ୍ଚମରୁ ଆରମ୍ଭ କରି, କିମ୍ବା ଏହି ମାସର କୌଣସି ଦିନରୁ ଆରମ୍ଭ କରି, ସେହି ଭାରତୀୟ ଜ୍ୟୋତିର୍ବିଜ୍ଞାନୀମାନେ ପୂର୍ବାନୁମାନ କରିଥିଲେ ଯେ ପୃଥିବୀଟି ବିନାଶ ହୋଇ ଖଣ୍ଡ ବିଖଣ୍ଡ ହୋଇଯିବ। ଏବଂ ଆମେରିକୀୟ ଖବରକାଗଜଗୁଡିକ ଏହାର ଥଟ୍ଟା ପରିହାସ କରିଥିଲେ। ମୁଁ ବିଶ୍ୱାସ କରେ ନାହିଁ ଯେ ଜଗତ ଖଣ୍ଡ ବିଖଣ୍ଡ ହେବାକୁ ଯାଉଅଛି, ମାତ୍ର ମୁଁ ଏହା କହେ ଯେ ଏହାକୁ ପରିହାସ କରିବାଟା ଭୁଲ୍ ଅଟେ। କାରଣ, କିଛି ଗୋଟାଏ ବିଷୟ ଏହି ଦିନଗୁଡିକ ମଧ୍ୟରୁ ଗୋଟିଏ ଦିନ ଘଟିବାକୁ ଯାଉଅଛି, ତାହା ସହିତ ସମତୁଲ୍ୟ ସେହିପରି କିଛି ଗୋଟାଏ, ଯେତେବେଳେକି ସେହି ପାଞ୍ଚଟି ଗ୍ରହ, ମଙ୍ଗଳ, ବୃହସ୍ପତି ଏବଂ ଶୁକ୍ର, ଏବଂ—ଏବଂ ଅନ୍ୟାନ୍ୟମାନେ, ସେମାନଙ୍କର—ସେମାନଙ୍କର ଆସନ୍ତି...ସେମାନେ ଏହା କେବେ ବି କରି ନାହାଁନ୍ତି। ଓଃ, ସେମାନେ ଦାବି

କରନ୍ତି ଯେ ବୋଧହୁଏ ପଚି-ଶ ହଜାର ବର୍ଷ ପୂର୍ବେ ତାହା ହୋଇଥିଲା, ମାତ୍ର ଏହା ଜାଣିବା ପାଇଁ ସେହି ପଶ୍ଚାତ ସମୟରେ ସେଠାରେ କିଏ ରହିଥିଲା?

75 ମୁଁ ପୂର୍ବାନୁମାନ କରେ ଯେ ଏହାର ଏକ ଆତ୍ମିକ ପ୍ରୟୋଗ ଅଛି । ମୁଁ ବିଶ୍ୱାସ କରେ ଯେ ଏହା ପରମେଶ୍ୱରଙ୍କ ପ୍ରସଙ୍ଗର ଆଗମନ ଅଟେ, ଯେ ବାକ୍ୟର ସେହି ମହାନ ପ୍ରକାଶନଗୁଡ଼ିକ ଏହି ସମୟ ମଧ୍ୟରେ ଫିଟାଯିବ । ମନେରଖନ୍ତୁ, ଯେ ସେମାନେ ଦାବି କରନ୍ତି ଯେ ଏହା ତିନୋଟି ତାରାଗଣ ସେମାନଙ୍କ କକ୍ଷରେ ରହିଥିଲେ ଯେତେବେଳେ ଯୀଶୁ ଜନ୍ମ ହୋଇଥିଲେ । ଏବଂ ଏହା ତ ପାଞ୍ଚ ଅଟେ, ଏବଂ ପାଞ୍ଚ ସଂଖ୍ୟା ଅନୁଗ୍ରହ ଅଟେ, ଅନୁଗ୍ରହର ସଂଖ୍ୟା ଅଟେ । ତିନି ହେଉଛି ସିଦ୍ଧତାର ସଂଖ୍ୟା । ପାଞ୍ଚ ହେଉଛି ଅନୁଗ୍ରହର ସଂଖ୍ୟା, ଯୀଶୁ J-e-s-u-s, ଅନୁଗ୍ରହ g-r-a-c-e, ବିଶ୍ୱାସ f-a-i-t-h, ଇତ୍ୟାଦି ସବୁ । ଅନୁଗ୍ରହର ସଂଖ୍ୟା! ପରମେଶ୍ୱର ଯଦି କେବେ ନିଜର ଶକ୍ତିକୁ ମଣ୍ଡଳୀକୁ ପ୍ରେରଣ କରନ୍ତି, ତେବେ ଏହା ତାହାଙ୍କର ଅନୁଗ୍ରହ ହେବ, ଏହା ଲୋକମାନଙ୍କର ଆଜ୍ଞାପାଳନ ହେବ ନାହିଁ । ଏବଂ ଯିଶାଇୟ, ତାର 40ତମ ପର୍ବରେ କହିଥିଲେ, ଯେକିପରି "ଯିରୁଶାଲମକୁ କ୍ରନ୍ଦନ କରିବା ଉଚିତ୍, ଯେପରିକି ତାହାର ଯୁଦ୍ଧ ସମାପ୍ତ ହେବ," ତଥାପି ସେ ପ୍ରତିମାପୂଜାର ଦୋଷୀ ହୋଇଥିଲା, ମାତ୍ର ଏହା ତ ପରମେଶ୍ୱରଙ୍କ କୃପା ହିଁ ଥିଲା ଯିଏକି ଏହାକୁ ପ୍ରେରଣ କରିଥିଲା । ପରମେଶ୍ୱର ଆମକୁ କିଛି ପ୍ରେରଣ କରନ୍ତି, ଏହା ତାହାଙ୍କର ଅନୁଗ୍ରହ ହିଁ ହେବ ଏବଂ ଆମର ଯୋଗ୍ୟତା ନୁହେଁ । ତେଣୁ, ଏହାର ଅର୍ଥ କିଛି ବି ହୋଇପାରେ । ମୁଁ ପୂର୍ବାନୁମାନ କରେ ଯେ ସେଠାରେ ଏକ ପରିବର୍ତ୍ତନ ହେବ । ମୁଁ ଜାଣେ ନାହିଁ ଯେ ତାହା କଅଣ ହେବ, ମାତ୍ର ମୁଁ ବିଶ୍ୱାସ କରେ ଯେ ଏହା ଘଟିବାକୁ ଯାଉଅଛି । ଆମେମାନେ ବର୍ତ୍ତମାନ...ତାହାର ଠିକ୍ ପୂର୍ବଦିନରେ ରହୁଅଛୁ ।

76 ଏବଂ ଯଦି କୌଣସି ବ୍ୟକ୍ତି ଭୋକରେ ଅଛନ୍ତି, ତେବେ ସେ ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତୁ । ଯଦି କୌଣସି ବ୍ୟକ୍ତି ତୃଷାର୍ତ୍ତ ଅଛନ୍ତି, ତେବେ ସେ ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତୁ । ସେ ସେହି ତୃଷାକୁ ମେଣ୍ଟାଇବେ । ସେ ଆମର ସମସ୍ତ ତୃଷା ଏବଂ ଭୋକର ସନ୍ତୁଷ୍ଟକାରୀ ଅଟନ୍ତି ।

77 ମୋ ପାଖରେ ଏକ କାହାଣୀ ଅଛି ଯାହାକି ମୋତେ କିଛି ସମୟ ପୂର୍ବରୁ କୁହାଯାଇଥିଲା । ମୁଁ ହୁଏତ ଏହାକୁ ଏହି ମଣ୍ଡଳୀରେ କହିଥିବି । ଯଦି ମୁ କହିଥିବି, ତାହାହେଲେ ଆପଣମାନେ ମୋତେ ଏହାର ମୁଖ୍ୟ ବିନ୍ଦୁଗୁଡିକୁ ସ୍ପର୍ଶ କରିବା ପାଇଁ ପୁନରାବୃତ୍ତି କରିଥିବା ହେତୁ କ୍ଷମା କରିଦେବେ । ସେଠାରେ ଜଣେ ଭାରତୀୟ ମାର୍ଗଦର୍ଶକ ଥିଲେ, କିଅବା, ଏକ ପ୍ରକାର ଭାରତୀୟମାନଙ୍କ ଉପରେ ଏକ ପର୍ଯ୍ୟବେକ୍ଷକ ସଦୃଶ ଥିଲେ । ସେ ନାଭାଜୋ ଦେଶରେ ଭ୍ରମଣ କରୁଥିଲେ, ଏବଂ ହଜି, ଯାଇଥିଲେ । ତାଙ୍କର ନାମ କୋଏ ଥିଲା । ଏବଂ ସେ ଏକ ପଦାଚାରି ମାର୍ଗ, ଶିକାର ନିମନ୍ତେ ବ୍ୟବହୃତ ଏକ ପଥ ଦେଇ ଯାଉଥିଲେ, ଏବଂ ସେ ଭାବିଲେ, "ବର୍ତ୍ତମାନ, ଯଦି ମୁଁ ଏହି ପଥ ଦେଇ ଯିବି, ତାହାହେଲେ ମୁଁ ନିଶ୍ଚିତ ଭାବରେ ଜଳ ପାଇବି ।" ଏବଂ ତାଙ୍କ ଘୋଡା ଏତେ ତୃଷିତ ଥିଲା ଯେ ଏପରିକି ତାର ଜିଭ ବାହାରକୁ ଝୁଲି ରହିଥିଲା, ଶୁଖି ଯାଇଥିବା ଅବସ୍ଥାରେ, ନାସିକା ରନ୍ଧ୍ର ନାଲି ହୋଇ ଯାଇଥିଲା ଏବଂ ବାଲିରେ ଲିପି ହୋଇ

ଯାଇଥିଲା । ବାଲୁକା ଝଡ଼ରେ ସେ ନିଜ ମୁହଁ ଉପରେ ରୁମାଲ ଧରି ରହିଥିଲେ, ଯେପର୍ଯ୍ୟନ୍ତକି ଏହା ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦିତ ନ ହୋଇଗଲା, ଏବଂ ସେ ପାଣି ଅଭାବରେ, ମୃତ ପ୍ରାୟଃ ହୋଇଥିଲେ । ଏବଂ ସେ ନିଜର ଘୋଡାକୁ କଢେଇ ନେଉଥିଲେ ଯେତେବେଳେ ସେ ସେହି ପଦାଚାରି ମାର୍ଗର ସନ୍ଧାନ ପାଇଥିଲେ । ଏବଂ ସେ କହିଲେ, ଯେତେବେଳେ ସେ ସେହି ଘୋଡା ଉପରେ ଚଢିଲେ ସେତେବେଳେ ସେ ଏହି ପଥର ଦେଖା ପାଇଥିଲେ, କହିଲେ, "ଅବଶ୍ୟ ଏହା ମୋତେ ଜଳ ନିକଟକୁ ନେଇଯିବ ।" ତେଣୁ ସେ ନିଜ ଘୋଡା ଉପରେ ସେହି ଆସନରେ ଡ଼େଇଁ-ପଡିଲେ ଏବଂ ସେହି ପଥ ଦେଇ ଯିବାକୁ ଲାଗିଲେ ।

78 ଏବଂ ସେହି ଘୋଡା ମଧ୍ୟ ଜାଣିଥିଲା ଯେ ଏହା ଜଳ ନିକଟକୁ ନେଇ ଯାଉଥିବା ସେହି ପଥ ଅଟେ । ପରମେଶ୍ୱର କିପରି ମୂକ ଜୀବଜନ୍ତୁମାନଙ୍କୁ ସେହି ପ୍ରବୃତ୍ତି ଦେଇଥାଆନ୍ତି! ଏବଂ ସେହି ପଥ ଦେଇ ଏହା ତଳକୁ ଗଲା । ଅବଶେଷରେ, କେତେକ ଗୋଟିଏ ପାର୍ଶ୍ୱକୁ ଚାଲି ଯାଇଥିଲା, ଆଉ କେବଳ ବହୁତ ଅଳ୍ପକିଛି ଏକ ପୁରୁଣା ପଥ ଆଡ଼କୁ ଯାଇଥିଲା । ଘୋଡା ସେହି ପଥ ଆଡକୁ ଯିବାକୁ ଚାହିଁଥିଲା, କିନ୍ତୁ କୋଏ ତଦ୍‌ଭିନ୍ନ ଭାବିଥିଲେ । ସେ ଏହାକୁ ସେହି ମୁଖ୍ୟ ପଦଚିହ୍ନ ଥିବା ପଥରେ ରଖିବାକୁ ଚେଷ୍ଟା କରିଥିଲେ, ଏବଂ ସେ ସେହି ଦିଗ ଆଡକୁ ଯିବାକୁ ଆରମ୍ଭ କଲେ ଆଉ ସେହି ଘୋଡା ଯିବାକୁ ମଙ୍ଗିଲା ନାହିଁ । ସେ ଏହାକୁ କଣ୍ଟକ ଯୋତାରେ କେଞ୍ଚିଲେ, ଏବଂ ଏହା ଶବ୍ଦ କଲା, ଏବଂ ଅନ୍ୟ ଦିଗରେ ଯିବାକୁ ଆରମ୍ଭ କଲା । ଏବଂ ଏହା ସହମତ ହୋଇ ଯିବାକୁ ଆରମ୍ଭ କଲା । ସେହି ଘୋଡା ନିଜ ପଛ ଗୋଡରେ ଛିଡା ହୋଇ ତାଙ୍କୁ ତଳେ ପକାଇବା ହେତୁ ସୁଦ୍ଧା ବହୁତ ଦୁର୍ବଳ ଥିଲା ।

79 ତେଣୁ ସେ ଘୋଡାକୁ ପୁନର୍ବାର କଣ୍ଟକ ଯୋତାରେ କେଞ୍ଚିବାକୁ ଲାଗିଲେ, ଯେପର୍ଯ୍ୟନ୍ତକି ସେ ଘୋଡ଼ାକୁ ଘାଆ ନ କରି ଦେଲେ, ସେ ପାଣି ନିକଟକୁ ଯିବା ପାଇଁ ଏତେ ଅଧିକ ଉତ୍ସାହିତ ଥିଲେ, ଯେ ତାଙ୍କ ଜୀବନ ରକ୍ଷା ପାଇଯିବ, ଏପରିକି ସେହି ଘୋଡାଟି ଥର ଥର କମ୍ପମାନ ହୋଇ, ରକ୍ତାକ୍ତ ଅବସ୍ଥାରେ ଛିଡା ହୋଇ ରହିଥିଲା । ଏବଂ ସେ ତଳକୁ ଚାହିଁଲେ, ସେଠାରେ ତଳକୁ ଅନାଇଲେ, ଏବଂ ସେ ସେହିପରି ଭାବରେ ଥରୁଥିଲା ଏବଂ ପ୍ରାୟଃ ତାଙ୍କ ତଳେ ପଡ଼ି ଯିବା ଉପରେ ହୋଇଥିଲା । ସେ ତଳକୁ ତାହା ଆଡକୁ ଅନାଇଲେ, ଏବଂ ତାର ପାର୍ଶ୍ୱରେ ରକ୍ତାକ୍ତ ହୋଇଥିବାର ଦେଖିଲେ । ସେ ଜଣେ ଖ୍ରୀଷ୍ଟିଆନ ଥିଲେ । ଏବଂ ନିଜର ଘୋଡାକୁ କହିଲେ, ସେ କହିଥିଲେ, "ମୁଁ ପ୍ରାୟଃ ଶୁଣିଅଛି ଯେ ବନ୍ୟ...କିମ୍ବା, ପଶୁମାନଙ୍କର ଏକ ପ୍ରବୃତ୍ତି ଥାଏ । ଏହା ଏହିପରି ଦେଖାଯାଉ ନାହିଁ ଯେ ସେହି ମାର୍ଗରେ ବୁଲି ପଡିଥିବା ସେହି ଛୋଟ କ୍ଷୁଦ୍ର ପଥଟି ଜଳ ନିକଟକୁ ଯାଉଥିବ । ଏହା ଏପରି ଦେଖାଯାଏ ଯେ ଏଠାରେ ଥିବା ଏହି ବଡ଼ ପଥଟି ସେହି ସ୍ଥାନକୁ କଢେଇ ନେବ ଯେଉଁଠାରେକି ସେମାନେ ନିରନ୍ତର ଜଳକୁ ଯାଇଥାଆନ୍ତି, ମାତ୍ର," କହିଲେ, "ଯଦି ତୁମେ ମୋତେ ଏପର୍ଯ୍ୟନ୍ତ ବିଶ୍ୱସ୍ତ ଭାବରେ ବୋହି ଆଣିଛ, ଆଗକୁ ବି ମୁଁ ତୁମର ପ୍ରବୃତ୍ତିକୁ ଅନୁସରଣ କରିବି ।"

80 ଓଃ, କିପରି ମୁଁ ତାହା ଖ୍ରୀଷ୍ଟଙ୍କ ବିଷୟରେ ସେହିପରି ଚିନ୍ତା କରିଥାଏ! ବିନାଶକୁ

ଯାଉଥିବା ମାର୍ଗଟି ସ୍ପଷ୍ଟ ଭାବରେ ମାର୍ଗ ସାରା ଉଜ୍ଜ୍ୱଳ ହୋଇ ରହିଥାଏ, ମାତ୍ର ସେଠାରେ ଏକ ସଂକୀର୍ଣ୍ଣ ପଥ ଅଛି ଯାହାକି ଜୀବନ ନିକଟକୁ ଘେନି ଯାଇଥାଏ । ଅତି ଅଳ୍ପ ହିଁ ଲୋକ ଥିବେ ଯେଉଁମାନେକି ତାହାକୁ ପ୍ରାପ୍ତ କରିବେ । କେବଳ, ପ୍ରବୃତ୍ତି ନୁହେଁ, ମାତ୍ର ପବିତ୍ରଆତ୍ମା ଆପଣଙ୍କୁ ଘୁରାଇ ଦେଇ ସେହି ଜୀବନର ଜଳ ନିକଟକୁ ନେଇଯିବେ । ମୁଁ ଭାବୁଛି, ଏହା ମୋତେ ଏଯାଏଁ ସୁରକ୍ଷିତ ଭାବରେ ନେଇ ଆସିଛି, ଅବଶିଷ୍ଟ ମାର୍ଗ ନିମନ୍ତେ ମୁଁ ଏହାକୁ ଅନୁସରଣ କରିବି ।

81 ସେହି କାହାଣୀଟି ଶେଷ କରିବାକୁ, ସେ—ସେ ଅଧା ମାଇଲ୍ ସୁଦ୍ଧା ଯାଇ ନ ଥିଲେ, ଯେତେବେଳେକି, ହଠାତ ହିଁ, ସେହି ବିଶ୍ୱସ୍ତ ଘୋଡା ଏକ ବଡ଼ ଜଳର ଭଣ୍ଡାର ମଧ୍ୟକୁ ଡ଼େଇଁ ପଡ଼ିଲା । ଘୋଡା ଜାଣିଥିଲା ଯେ ସେ ଏହା ବିଷୟରେ କଅଣ କହୁଥିଲା, ଏହାର ଅର୍ଥ କଅଣ ଥିଲା ଯାହା ସେ ନିଜର ଅଭିବ୍ୟକ୍ତିର ଶୈଳୀରେ ସେହି—ସେହି ଆରୋହୀକୁ କହୁଥିଲା । ସେ ସେଠାରେ ପହଞ୍ଚିଲେ । ସେ କହିଲେ ଯେ ସେ ଘୋଡାର ନାସିକା ଭିତରକୁ ପାଣି ଢାଳିଥିଲେ । ସେ ନିଜେ ସ୍ନାନ କରିଥିଲେ, ସେ ଚିତ୍କାର କରିଥିଲେ ଏବଂ ସେ ଉଚ୍ଚ ପାଟି କରିଥିଲେ, ଏବଂ ସେ ତାଙ୍କ ସ୍ୱରର ଶୀର୍ଷରେ ପାଟି କରିଥିଲେ, ଏବଂ ତାଙ୍କ ଗଳାରେ ପାଣି ଢାଳି, ଚିତ୍କାର କରିଥିଲେ, "ଆମେ ରକ୍ଷା ପାଇଅଛୁ! ଆମେ ରକ୍ଷା ପାଇଅଛୁ! ଆମେ ରକ୍ଷା ପାଇଅଛୁ!" ଏବଂ ସେହି ଘୋଡା, ପିଉଥିଲା ଏବଂ ଥରଥର କମ୍ପୁଥିଲା । ଏବଂ ସେ ତାର ରକ୍ତାକ୍ତ ପାର୍ଶ୍ୱଗୁଡିକରେ ଅନାଇଲେ, ଯାହାକି ସେତେବେଳକୁ ସମସ୍ତ କଣ୍ଟକ କେଞ୍ଚଣରୁ ଦାଗ ହୋଇ ଯାଇଥିଲା ।

82 ଏବଂ କହିଲେ ଯେ ଠିକ୍ ସେତିକିବେଳେ, ସେ କହିଲେ…କାହାରିକୁ ଏହା କହୁଥିବାର ଶୁଣିଲେ, "ପାଣିରୁ ବାହାରି ଆସ ।" ଏବଂ ସେ ଦେଖିଲେ, ଏବଂ ସେଠାରେ ଜଣେ ସାନ ବିକୃତ ଗୋରକ୍ଷକ ପିଲାଟିଏ ଛିଡା ହୋଇଥିଲା । ସେ ପାଣି ଭିତରୁ ବାହାରି ଆସିଲେ । ସେ କହିଲେ ଯେ ସେ ନିଆଁର ଗନ୍ଧ ଶୁଂଘିବାକୁ ପାଇଲେ, ଏବଂ ସେ ଅନାଇ ଦେଖିଲେ, ଏବଂ ସେଠାରେ ଦଳେ ଲୋକ ସେଠାରେ ଛାଉଣି କରିଥିଲେ । ସେମାନେ ଏକ ଖଜଣା ଅନୁସନ୍ଧାନକାରୀ କାର୍ଯ୍ୟରେ ଆସିଥିଲେ । ସେମାନେ କିଛି ସୁନାର ଅନୁସନ୍ଧାନ ପାଇଥିଲେ, ଏବଂ ସେମାନଙ୍କର ଫେରିବା ବାଟରେ ସେମାନଙ୍କର ଘୋଡାମାନ ରହିଥିଲା ଏବଂ ଘୋଡାମାନଙ୍କୁ ନେଇକରି ଆସିଥିଲେ, ଏବଂ ସେମାନେ ଏହି ଜଳ ଭଣ୍ଡାର ନିକଟକୁ ଆସି ବିଶ୍ରାମ ନେଉଥିଲେ, ଏବଂ ସେମାନେ ସମସ୍ତେ ମଦ୍ୟପାନ କରିଥିଲେ ।

83 ଏବଂ କହିଲେ ଯେ ସେମାନଙ୍କର କିଛି ମୃଗୟା ମାଂସ ରନ୍ଧା ହେଉଥିଲା, ଏବଂ ସେ ସେମାନଙ୍କ ସହିତ ଭୋଜନ କରିଥିଲେ । ଏବଂ କହିଲେ, ଯେ ସେମାନଙ୍କ ମଧ୍ୟରୁ ଜଣେ କହିଲା, "ଏକ ପେୟ ଗ୍ରହଣ କର ।" ସେ ସେମାନଙ୍କୁ କହିଲେ ଯେ ସେ କିଏ ଅଟନ୍ତି, ସେ ଜ୍ୟାକ୍ କୋଏ, ସେହି—ସେହି ଭାରତୀୟ ମାର୍ଗଦର୍ଶକ । ତେଣୁ ସେ କହିଲା, "ତାହାହେଲେ, ବର୍ତ୍ତମାନ ଏକ ପେୟ ନିଅ ।"

ସେ କହିଲେ, "ନା," ସେ ଉତ୍ତର ଦେଲେ, "ମୁଁ ପାନ କରେ ନାହିଁ ।"

84 ଏବଂ ତାହା ଏକ ପ୍ରକାର ସେହି ଲୋକମାନଙ୍କ ପାଇଁ ଗୋଟିଏ ଅପମାନ ଥିଲା ।

ତେଣୁକରି ସେ କହିଲା, "ତୁମେ ଆମମାନଙ୍କଠାରୁ ଏକ ପେୟ ଗ୍ରହଣ କରିବ!"

ସେ କହିଲେ, "ନା, ମୁଁ ପାନ କରେ ନାହିଁ।"

85 ତେଣୁ ସେ ଜଗକୁ ଫୋପାଡି ଦେଇ କହିଲା, "ଏକ ପେୟ ଗ୍ରହଣ କର!" ସେମାନେ ସମସ୍ତେ, ମାତାଲ ଥିଲେ, ଆପଣମାନେ ଜାଣନ୍ତି, ପ୍ରାୟଃ ଅଧା ଡଜନ ଲୋକ।

ଆଉ ତେଣୁକରି ସେ କହିଲେ, "ଆପଣମାନଙ୍କୁ ଧନ୍ୟବାଦ, ପିଲାମାନେ।"

86 ସେହି ମଦୁଆ ବ୍ୟକ୍ତି କହିଲା, "ଯଦି ଆମର ମୃଗୟା ମାଂସଟି ଖାଇବାକୁ ଯଥେଷ୍ଟ ଭଲ, ତାହାହେଲେ ଆମର ମଦ ମଧ୍ୟ ପିଇବା ପାଇଁ ଯଥେଷ୍ଟ ଭଲ ଅଟେ।"

87 ଏବଂ ଆପଣମାନେ ଜାଣନ୍ତି ଯେ ସେମାନେ କିପରି ଥାଆନ୍ତି, ମାତାଲ ଭାବରେ। ଏବଂ ସେ କହିଲେ, "ନା," ସେ ଉତ୍ତର ଦେଲେ।

88 ଏବଂ ସେମାନେ ରାଇଫଲ ବନ୍ଧୁକରେ ଗୋଟିଏ ଗୁଳି ଭରିଲେ, ଓ କହିଲେ, "ବର୍ତ୍ତମାନ ତୁମେ ପାନ କରିବ ନଚେତ ଅନ୍ୟକିଛି ହେବ!"

89 ସେ କହିଲେ, "ନା। ନା, ମୁଁ ପିଇବି ନାହିଁ।" ଏବଂ ସେ ରାଇଫଲରେ ଲକ୍ଷ୍ୟ କରିବାକୁ ଲାଗିଲେ। କହିଲେ, "ଗୋଟିଏ କ୍ଷଣ ରୁହନ୍ତୁ।" କହିଲେ, "ମୁଁ ମରିବାକୁ ଭୟ କରେ ନାହିଁ।" ସେ କହିଲେ, "ମୁଁ—ମୁଁ ମରିବାକୁ ଭୟ କରେ ନାହିଁ।" ସେ କହିଲେ, "ମାତ୍ର ମୁଁ—ମୁଁ ତାହା କରିବା ପୂର୍ବରୁ ମୁଁ ମୋର କାହାଣୀ କହିବାକୁ ଚାହେଁ, ସେହି କାରଣ ଯେଉଁଥି ପାଇଁକି ମୁଁ ପିଏ ନାହିଁ।" କହିଲେ, "ମୁଁ ଜଣେ କେଣ୍ଟକୀପ୍ରବାସୀ ଅଟେ।" ସେ କହିଲେ, "ଏବଂ ଦିନେ ସକାଳେ ଏକ ଛୋଟ ପୁରୁଣା କାଠ କୁଡିଆରେ, ଯେଉଁଠାରେକି ଜଣେ ମାଆ ମୃତ ପ୍ରାୟଃ ଅବସ୍ଥାରେ ପଡ଼ି ରହିଥିଲେ, ସେ ମୋତେ ତାଙ୍କର ଶଯ୍ୟା ପାଖକୁ ଡାକିଲେ, ଏବଂ କହିଲେ, 'ଜ୍ୟାକ୍, ତୁମର ବାପା ନିଜ ହାତରେ ତାଶ ପ୍ତା ଧରି, ଏକ ମେଜ ପାର୍ଶ୍ୱରେ, ମଦ୍ୟପାନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।' ଏବଂ କହିଲେ, 'ଜ୍ୟାକ୍, ତୁମେ ଯାହା ବି କର, କେବେବି ମଦ୍ୟପାନ କରିବ ନାହିଁ।'" ଏବଂ ସେ କହିଲେ, "ମୁଁ ମୋର ମାଆଙ୍କର ମଥା ଉପରେ ହାତ ରଖିଲି। ଏବଂ ମୁଁ ପରମେଶ୍ୱରଙ୍କୁ ପ୍ରତିଜ୍ଞା କଲି, ଜଣେ ଦଶ-ବର୍ଷ-ବୟସ୍କ ବାଳକ ଭାବରେ, ଯେ ମୁଁ ମୋର ପ୍ରଥମ ମଦ୍ୟପାନ କେବେବି ଗ୍ରହଣ କରିବି ନାହିଁ।" ସେ କହିଲେ, "ମୁଁ ଏହାକୁ କେବେବି ଗ୍ରହଣ କରି ନାହିଁ।" ଏବଂ କହିଲେ, "ବର୍ତ୍ତମାନ ଯଦି ଆପଣ ଗୁଳି କରିବାକୁ ଚାହୁଁଛନ୍ତି, ତେବେ ଆପଣ କେବଳ ଗୁଳି କରନ୍ତୁ।"

90 ଏବଂ ଯେତେବେଳେ ସେହି ମଦ୍ୟପ ନିଜର ରାଇଫଲକୁ ଉଠାଇ ପୁଣିଥରେ ଜଗକୁ ଫୋପାଡି ଦେଲା, ଓ କହିଲା, "ଏହାକୁ ନିଅ ନତୁବା ମୁଁ ଗୁଳି କରିଦେବି!" ଏବଂ ଠିକ୍ ସେତିକିବେଳେ ଗୋଟିଏ ବନ୍ଧୁକ ଫୁଟିଲା ଏବଂ ସେହି ଜଗଟି ଫାଟି ଛିନ୍ନ ଭିନ୍ନ ହୋଇଗଲା।

91 ସେହି ପାହାଡର ପାର୍ଶ୍ୱରେ ଜଣେ ସାନ ଗୋରକ୍ଷକ ପିଲାଟିଏ ଥିଲା, ବିକୃତ ଅବସ୍ଥାରେ, ଆଉ ତାର ଗାଲରୁ ଲୁହ ଝରି ଆସୁଥିଲା। ସେ କହିଲା, "ଜ୍ୟାକ୍, ମୁଁ ମଧ୍ୟ କେଣ୍ଟକିରୁ ଆସିଅଛି।

ମୁଁ ଦିନେ ଜଣେ ମାଆଙ୍କୁ ଏକ ପ୍ରତିଶୃତି ଦେଇଥିଲି, କିନ୍ତୁ ମୁଁ ମୋର ପ୍ରତିଜ୍ଞାକୁ ଭାଙ୍ଗି ଦେଲି।" ସେ କହିଲା, "ମୁଁ ଅପେକ୍ଷା କରୁଥିଲି ଯେପର୍ଯ୍ୟନ୍ତକି ଏହି ଲୋକମାନେ ସମସ୍ତେ ଯଥେଷ୍ଟ ମଦ୍ୟପାନ କରି ନ ନିଅନ୍ତି, ଏବଂ ସେମାନଙ୍କର ସମସ୍ତ ଦଳକୁ ଯେପରି ଭାବରେ ବି ହେଉ, ହତ୍ୟା କରିବାକୁ ଯାଉଥିଲି, ଏବଂ ସମସ୍ତ ସୁନା ଯାହା ସେମାନଙ୍କ ପାଖରେ ରହିଥିଲା ନେଇ ପଲାଇଯିବାକୁ ଯାଉଥିଲି।" ସେ କହିଲା, "ମାତ୍ର ମୁଁ ଜଣେ ମଦ୍ୟପ ରହିଅଛି ଏବଂ ମୁଁ ଭୁଲ୍ କରିଅଛି। କିନ୍ତୁ," କହିଲା, "ମୁଁ ନିଶ୍ଚିତ ଯେ ଯେତେବେଳେ ମୋର ବନ୍ଧୁକ ଆକାଶର ପାହାଡ ଦେଇ ପ୍ରତିଧ୍ୱନିତ ହେଲା, ସେତେବେଳେ ମାଆ ମୋତେ ଏକ ପ୍ରତିଶ୍ରୁତିରେ ଦସ୍ତଖତ କରୁଥିବାର ଶୁଣିବାକୁ ପାଇଥିଲେ ଯେ ମୁଁ ଏହା ଆଉ କେବେ ବି କରିବି ନାହିଁ।" ଏବଂ ସେଠାରେ, ପରମେଶ୍ୱରଙ୍କ ଅନୁଗ୍ରହରେ, ସେ ସେହି ସମସ୍ତ ଲୋକମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ କଢାଇ ନେଇଥିଲେ।

92 ଦେଖନ୍ତୁ, ଯେ ଜଳ ବିଷୟରେ କିଛି ଗୋଟାଏ ଅଛି, କିଛି ଗୋଟାଏ ସତେଜ ହେବା ବିଷୟରେ ଅଛି। ମୋର କହିବାର ମୂଳ ବିନ୍ଦୁଟି ହେଲା, ଯେତେବେଳେ ଆପଣ ତୃଷିତ ହୁଅନ୍ତି ଠିକ ସେତେବେଳେ ହିଁ ଜଳ ନିକଟକୁ ଚାଲି ଯାଆନ୍ତୁ। ସେଠାରେ କିଛି ଗୋଟାଏ ବିଷୟ ଅଛି ଯାହାକି ତାହା ଆପଣଙ୍କୁ କରିଥାଏ, ଯେ ଆପଣ ଜଳ ନିକଟକୁ ଚାଲି ଯାଆନ୍ତି ଯେତେବେଳେ ଆପଣ ତୃଷିତ ହୋଇଥାଆନ୍ତି।

93 ତେବେ, ସେ କହିଛନ୍ତି, "ମୋର ଶାନ୍ତି ମୁଁ ତୁମକୁ ଛାଡି ଦେଇ ଯାଉଅଛି। ମୋର ଶାନ୍ତି ମୁଁ ତୁମକୁ ଦେଇ ଯାଉଅଛି।" ଜଗତ ଯେପରି ଆପଣମାନଙ୍କୁ ଶାନ୍ତି ଦିଏ ସେହିପରି ନୁହେଁ, ମାତ୍ର ଯେପରି ଭାବରେ ସେ ଆପଣଙ୍କୁ ଶାନ୍ତି ପ୍ରଦାନ କରିଥାଆନ୍ତି। ତାହାଙ୍କର ଶାନ୍ତି ଆମ ତୃଷାକୁ ନିବାରଣ କରିଥାଏ। ଯଦି ଆମେମାନେ ଶାନ୍ତି ପାଇଁ ଇଚ୍ଛା କରୁଥାଉ, ତାହାହେଲେ ଆସନ୍ତୁ ତାହାଙ୍କର ଶାନ୍ତିରେ ସତେଜ ହୋଇଯିବା, ଏହା ଜାଣିବା ହେତୁ ଯେ ଆମେମାନେ ଆମର ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ପରମେଶ୍ୱରଙ୍କ ସହିତ ଶାନ୍ତିରେ ଅଛୁ। ସେ ହେଉଛନ୍ତି ଆମର ଶାନ୍ତି-ପ୍ରଦାନକାରୀ ଯିଏକି ଆମର ତୃଷାକୁ ନିବାରଣ କରନ୍ତି।

94 ସେହି ପଦ ଯାହାକି ଏହା କହେ ଯେ ସେ ପ୍ରକୃତରେ ମାଂସ ଏବଂ ପ୍ରକୃତରେ ପେୟ ଅଟନ୍ତି। ମୁଁ ଏଠାରେ ଏକ ଚିହ୍ନ ଦେଇଛି, ସେହି 57ତମ ପଦ, "ପ୍ରକୃତରେ ମାଂସ ଏବଂ ପ୍ରକୃତରେ ପାନ ଅଟେ।" ଧ୍ୟାନ ଦିଅନ୍ତୁ ଯେ ସେ ଏଠାରେ କଅଣ କହିଛନ୍ତି।

> *ଜୀବନ୍ତ ପିତା ଯେପରି ମୋତେ ପ୍ରେରଣ କଲେ, ଓ ମୁଁ ପିତାଙ୍କ ହେତୁରୁ ଜୀବିତ ଥାଏ: ସେହିପରି ଯେ ମୋତେ ଭୋଜନ କରେ, ସେ ମଧ୍ୟ ମୋ ହେତୁ ଜୀବିତ ରହିବ।*

95 ଅନ୍ୟ ଅର୍ଥରେ କହିବାକୁ ଗଲେ, "ପିତା ମୋତେ ପ୍ରେରଣ କଲେ, ଏବଂ ମୁଁ ତାଙ୍କ ହେତୁରୁ ଜୀବିତ ଥାଏ। ଏବଂ ପ୍ରତ୍ୟେକ ବ୍ୟକ୍ତି ଯିଏକି ଖ୍ରୀଷ୍ଟଙ୍କ ନିକଟକୁ ଆସନ୍ତି ନିଶ୍ଚିତ ଭାବରେ ଖ୍ରୀଷ୍ଟଙ୍କ ହେତୁରୁ ଜୀବିତ ରହିବା ଆବଶ୍ୟକ।" ଓଃ, ମୋର ପ୍ରଭୁ, ଆପଣ ସେଠାରେ ଅଛନ୍ତି, ତାହାହିଁ

ସେହି ପ୍ରଭୁଭୋଜ ଅଟେ । ତାହାହିଁ ହେଉଛି ସେହି ପ୍ରକୃତ ପ୍ରଭୁଭୋଜ ଯାହାକି ଆପଣମାନେ ପ୍ରାପ୍ତ କରନ୍ତି ଯେତେବେଳେ ଆପଣ ଖ୍ରୀଷ୍ଟଙ୍କ ହେତୁରୁ ଜୀବିତ ରୁହନ୍ତି ।

96 ତେବେ, ଆମ ଶରୀରକୁ ବଞ୍ଚି ରହିବା ପାଇଁ, ପ୍ରତ୍ୟେକ ଦିନ ଭୋଜନ ଏବଂ ପେୟ ଦରକାର, ଆମର ଶାରୀରିକ ଦେହକୁ । ଯଦି ଆମେମାନେ ପ୍ରତ୍ୟେକ ଦିନ ଭୋଜନ ଓ ପେୟ ଗ୍ରହଣ କରିବା ନାହିଁ, ତେବେ ଆମମାନଙ୍କର ଶରୀର ଦୁର୍ବଳ ହୋଇଯିବ । ଆମ ଭିତରେ ଏପରି କିଛି ଗୋଟାଏ ଅଛି ଯେ ଆମେମାନେ ନିଶ୍ଚିତ ଭୋଜନ ଗ୍ରହଣ କରିବା ଆବଶ୍ୟକ । ଗୋଟିଏ ଦିନର ଭୋଜନ ପରଦିନ ପାଇଁ ରହିବ ନାହିଁ । ଆପଣଙ୍କୁ ନିଜର ମର୍ତ୍ତ୍ୟ ଜୀବକୁ ସୁଦୃଢ଼ କରିବା ନିମନ୍ତେ, ପ୍ରତ୍ୟେକ ଦିନ ଭୋଜନ ଗ୍ରହଣ କରିବାକୁ ଅଛି । ଆପଣ ଅନ୍ୟ ଦିନ ଜୀବିତ ରହିପାରନ୍ତି, କିନ୍ତୁ ଆପଣ ଦୁର୍ବଳ ହୋଇଯାଆନ୍ତି । ଏବଂ ଦ୍ୱିତୀୟ ଦିନ, ଆପଣ ଆହୁରି ଅଧିକ ଦୁର୍ବଳ ହୋଇଯାଆନ୍ତି । ଏବଂ ତୃତୀୟ ଦିନ, ଆପଣ ବହୁତ ଅଧିକ ଦୁର୍ବଳ ହୋଇ ଯାଉଥାଆନ୍ତି ।

97 ତେବେ, ତାହାହିଁ ଅଟେ ଯାହାକି ଆମେମାନେ ଆତ୍ମିକ କ୍ଷେତ୍ରରେ ଅନେକ ଥର ସେହିପରି କରିଥାଉ । ଆପଣ ଦେଖନ୍ତୁ, ପ୍ରତ୍ୟେକ ଦିନ ଆମକୁ ଖ୍ରୀଷ୍ଟଙ୍କ ସହିତ ସହଭାଗିତା କରିବାକୁ ଅଛି । ଆମକୁ ପ୍ରତ୍ୟେକ ଦିନ ତାହାଙ୍କ ସହିତ କଥାବାର୍ତ୍ତା କରିବାକୁ ଅଛି । ଆମକୁ ପ୍ରତ୍ୟେକ ଦିନ ତାହାଙ୍କ ସହିତ ଏହାକୁ ସମାଧାନ କରିବାକୁ ଅଛି । ପାଉଲ କହିଲେ, "ମୁଁ ପ୍ରତିଦିନ ମରିଥାଏ ।" ବୁଝିଲେ? "ପ୍ରତ୍ୟେକ ଦିନ, ମୁଁ ମରେ; ତଥାପି ମୁଁ ଜୀବିତ ରୁହେ, ମୁଁ ନୁହେଁ ବରଂ ଖ୍ରୀଷ୍ଟ ମୋ ଭିତରେ ଜୀବିତ ରୁହନ୍ତି ।" ତେଣୁ, ଯଦି ଆପଣଙ୍କର ଶାରୀରିକ ଦେହ ବଞ୍ଚି ରହିବା ପାଇଁ ପ୍ରତ୍ୟେକ ଦିନ ଭୋଜନ ଏବଂ ପ୍ରତ୍ୟେକ ଦିନ ପେୟ, ଆବଶ୍ୟକ କରେ, ସେହିପରି ଆପଣଙ୍କର ଆତ୍ମିକ ଶରୀର ବଞ୍ଚି ରହିବା ପାଇଁ ପ୍ରତ୍ୟେକ ଦିନ ପ୍ରଭୁଙ୍କ ସହିତ ଆତ୍ମିକ ଭୋଜନ ଏବଂ ପ୍ରଭୁଭୋଜ ଆବଶ୍ୟକ କରେ । ହଁ । ଯୀଶୁ କହିଲେ, "ମନୁଷ୍ୟ କେବଳ ରୁଟି ଦ୍ୱାରା ବଞ୍ଚିବ ନାହିଁ, ବରଂ ପରମେଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।" ତେଣୁକରି, ପ୍ରତ୍ୟେକ ଦିନ ଆମକୁ ବାଇବଲ ଅଧ୍ୟୟନ କରିବାକୁ ଅଛି । କେତେକେ ଲୋକ ଏହାକୁ ଆଦୌ ପାଠ କରନ୍ତି ନାହିଁ । କେତେକ ଜଣ ତ ଏହାକୁ ବର୍ଷକୁ ଦୁଇ ଥର କିମ୍ବା ତିନି ଥର ଉଠାନ୍ତି । ମାତ୍ର, ଜଣେ ପ୍ରକୃତ, ବାସ୍ତବିକ ବିଶ୍ୱାସୀ ଯିଏକି ପ୍ରକୃତ ଆତ୍ମିକ ଭାବରେ ଗଢି ଉଠିଥାଏ, ସେ ପ୍ରତିଦିନ ନିଜର ବାଇବଲ ପାଠ କରେ, ଏବଂ ପ୍ରଭୁଙ୍କ ସହ କଥାବାର୍ତ୍ତା କରେ । ତାହା ଠିକ୍ ଅଟେ । [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା ।] ତାଙ୍କୁ କରିବାକୁ ହିଁ ଅଛି । "ମନୁଷ୍ୟ କେବଳ ରୁଟି ଦ୍ୱାରା ବଞ୍ଚିବ ନାହିଁ, ବରଂ ପରମେଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟ ଦ୍ୱାରା ବଞ୍ଚିବ ।"

98 ତେବେ, ଅନ୍ୟ ଏକ ବିଷୟ ଯାହା ପାଇଁ ଆମେମାନେ ଭୋଜନ ଗ୍ରହଣ କରୁ, ତାହା ହେଉଛି ରୋଗକୁ ପ୍ରତିରୋଧ କରିବା ପାଇଁ ଆମ ଶରୀରକୁ ଗଠନ କରିବା । ଯଦି ଆପଣ ଭୋଜନ ଗ୍ରହଣ ନ କରିବେ, ଏବଂ ଆପଣଙ୍କର ଶରୀରକୁ ଦୁର୍ବଳ ହେବା ପାଇଁ ଦେବେ, ତାହାହେଲେ ଏହା ରୋଗର ଶିକାର ହୋଇଯିବ । ରୋଗଗୁଡିକ ଠିକ ରକ୍ତ ସ୍ରୋତ ମଧ୍ୟକୁ

ମାଡିଯିବ, ଏବଂ ଏଠାରେ ଆପଣ ବିନଷ୍ଟ ହୋଇଯାଆନ୍ତି। ଯଦି ଆପଣଙ୍କର ରକ୍ତ ସମୃଦ୍ଧ ଏବଂ ଶୁଦ୍ଧ ନୁହେଁ, ତେବେ, ତାହାହେଲେ ଏହା ହେବ, ରୋଗ ଆପଣଙ୍କର ଠିକ ରକ୍ତ ସ୍ରୋତ ଭିତରକୁ ଚାଲିଯିବ। ତେଣୁକରି ଆପଣଙ୍କୁ ନିଜର ରକ୍ତ ପ୍ରବାହକୁ ସଠିକ୍ ଭାବରେ ରଖିବା ପାଇଁ ଭଲ ପୁଷ୍ଟିକର ଭୋଜନ ଖାଇବାକୁ ପଡିଥାଏ। ଯଦି ଆପଣ ତାହା ନ କରିବେ, ତେବେ ଆପଣ ରୋଗ ପ୍ରତି ଅସହ୍ୟ ହୋଇଯିବେ। ତାହାହିଁ ମାମଲା ଯାହାକି ଅନେକ ଖ୍ରୀଷ୍ଟିଆନମାନଙ୍କ ସହିତରେ ଅଟେ।

99 ଯେପରିକି ଉଷ୍ମ ଗୃହପାଳିତ ଗଛମାନେ ଅଟନ୍ତି। ଆପଣ ଜାଣନ୍ତି, ଆପଣ ଉଷ୍ମ ଗୃହରୁ ଏକ ଗଛକୁ ନିଅନ୍ତୁ, ଆପଣଙ୍କୁ ଏହାର ଶିଶୁତୁଲ୍ୟ ଯତ୍ନ ନେବାକୁ ପଡିବ। ଏହା ପାଣି ପାଗ ବିଷୟରେ ଜାଣେ ନାହିଁ। ଏହା ସୂର୍ଯ୍ୟକିରଣ ଏବଂ ଅନ୍ୟାନ୍ୟ ବିଷୟଗୁଡିକ କିଛି ଜାଣେ ନାହିଁ, ଏହା ତ ଆଚ୍ଛାଦିତ ହୋଇ ରହିଥାଏ ଏବଂ ଯତ୍ନ ତତ୍ତ୍ୱ ନିଆ ଯାଇଥାଏ। ତାହାହିଁ ମାମଲା ସେହି ବହୁସଂଖ୍ୟକ ତଥା-କଥିତ ଖ୍ରୀଷ୍ଟିଆନମାନଙ୍କ ସହିତ ଅଟେ, ସେମାନେ ଉଷ୍ମ ଗୃହପାଳିତ ଗଛମାନେ ଅଟନ୍ତି। ତାହା ଠିକ୍ ଅଟେ, ଆସୁଥିବା ପ୍ରତ୍ୟେକ ପୋକର ଶିକାର ହୋଇଯାଆନ୍ତି! ଆପଣମାନେ ଜାଣନ୍ତି, ଏହା ତ କେବଳ ସେହି—ସେହି…ଏହା ତ କେବଳ ସେହି—ସେହି ସୂକ୍ଷ୍ମ ଗଛମାନେ ଅଟନ୍ତି ଯାହାକୁ ଔଷଧ ଛିଞ୍ଚା ଯିବାକୁ ପଡିଥାଏ, କିମ୍ବା, ସେହି ସଂକରିତ ଗଛମାନଙ୍କୁ।

100 ଆପଣ ଜାଣିଛନ୍ତି, ଆପଣ ଏକ ପୁରୁଣା ହେରଫୋର୍ଡ ପ୍ରଜାତିର ଗାଈକୁ ନେଇ ସେଠାରେ ଚାରଣଭୂମିରେ ଛାଡି ଦିଅନ୍ତୁ, ଏବଂ ସେଠାରେ ଏକ ଲଙ୍ଗହର୍ନ ପ୍ରଜାତିକୁ ଛାଡି ଦିଅନ୍ତୁ, ସେହି ଲଙ୍ଗହର୍ନ ତାର ନିଜର ପଥ ପ୍ରଶସ୍ତ କରିପାରେ କାରଣ ସେ ମୂଳ ପ୍ରଜାତିର ଅଟେ। ମାତ୍ର ଆପଣ ଏକ ବ୍ରାଙ୍ଗସ୍ କିମ୍ବା ହେରଫୋର୍ଡକୁ ନିଅନ୍ତୁ ଯାହାକି ଏକ ମିଶ୍ରିତ ପ୍ରଜାତିର ଏବଂ ଏକ ସଂକରିତ ପ୍ରଜାତିର ଅଟେ, ଏହା ବାହ୍ୟ ଦୃଷ୍ଟିରୁ ଦେଖିବା ପାଇଁ ଏକ ଉତ୍ତମ ଗାଈଟିଏ ଅଟେ, ନିଶ୍ଚିତ ଭାବରେ, ହୃଷ୍ଟ ପୃଷ୍ଟ ଏବଂ ସ୍ୱାସ୍ଥ୍ୟକର ଥାଏ, ମାତ୍ର ଆପଣ ସେମାନଙ୍କୁ ସେଠାରେ ବାହାରେ ଛାଡି ଦିଅନ୍ତୁ, ସେମାନେ ସେମାନଙ୍କର ରାସ୍ତା ବାହର କରିପାରନ୍ତି ନାହିଁ। ସେମାନେ ମରି ଯିବେ! ସେମାନଙ୍କୁ ତ ଶିଶୁତୁଲ୍ୟ ଯତ୍ନ ନେବାକୁ ପଡ଼ିଥାଏ। ବୁଝିଲେ?

101 ଏବଂ ଆଜି ତାହାହିଁ ମାମଲା ଅଟେ, ଯେ ଆମେମାନେ ଉତ୍ତମ-ପୋଷାକ ପିନ୍ଧିଥିବା ଖ୍ରୀଷ୍ଟିଆନ୍‌ମାନଙ୍କୁ, ଅଧିକ ବଡ଼ ମଣ୍ଡଳୀଗୁଡିକୁ, ଏବଂ ବହୁତ ଅଧିକ ଶିକ୍ଷାକୁ—କୁ, ବହୁତ ଅଧିକ ଧର୍ମଶାସ୍ତ୍ରୀୟ ଜ୍ଞାନକୁ ପାଇଅଛୁ, ମାତ୍ର ସେମାନଙ୍କୁ ସବୁବେଳେ ଶିଶୁତୁଲ୍ୟ ଯତ୍ନ କରିବାକୁ ପଡିଥାଏ, ଆପଣଙ୍କୁ ତ ସେମାନଙ୍କର ଚଷମା ଦେଇ ଦେଖିବାକୁ ପଡ଼ିଥାଏ ନତୁବା ଆପଣ ଆଦୌ ଦେଖିବେ ନାହିଁ। ଆମକୁ ଯାହା ଦରକାର ତାହା ହେଉଛି କେତେକ ପୁଙ୍ଖାନୁପୁଙ୍ଖ ମୂଳ ପ୍ରଜାତିର ଖ୍ରୀଷ୍ଟିଆନ୍‌ମାନ, ଯେଉଁମାନେକି ପ୍ରଭୁ ଯୀଶୁଙ୍କ ରକ୍ତ ତଳେ ଜନ୍ମ ଗ୍ରହଣ କରିଥାଆନ୍ତି, ଯେଉଁମାନେକି କୌଣସି ମଣ୍ଡଳୀ ଧର୍ମଶାସ୍ତ୍ରୀୟ ଜ୍ଞାନ ଦ୍ୱାରା ଜୀବିତ ରୁହନ୍ତି ନାହିଁ, ବରଂ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା, ଖ୍ରୀଷ୍ଟଙ୍କ ସହ ପ୍ରଭୁଭୋଜ ଦ୍ୱାରା ଜୀବିତ ରହିଥାଆନ୍ତି। ସେହି ବାକ୍ୟ ବିଶ୍ୱାସୀ ନିକଟକୁ ଆସିଥାଏ, ତାଙ୍କର—ତାଙ୍କର ଆତ୍ମିକ ଶରୀରକୁ

ଗଠନ କରିଥାଏ । ଏକ ଉଷ୍ମ ଗୃହପାଳିତ ଶିଶୁ ତୁଲ୍ୟ ନୁହେଁ!

102 ଆଜି ଜଣେ ନିର୍ଦ୍ଦିଷ୍ଟ ସେବକ ଥିଲେ ଯିଏକି କହିଥିଲେ, ମୁଁ ତାଙ୍କ କଥା ଶୁଣୁଥିଲି, ସେ ଏକ ପ୍ରସାରଣରେ କହୁଥିଲେ, ସେ କହିଥିଲେ, ଯେ ଯେତେବେଳେ ସେ ଦେଶର ଏହି ପ୍ରାନ୍ତକୁ ଆସିଥିଲେ, ତାଙ୍କର ଏକ ବହୁତ ବଡ ସାଇନସ୍ ସମସ୍ୟା ରହିଥିଲା, ଏବଂ ସେମାନେ ଏକ ଅସ୍ତ୍ରୋପଚାର ବିଷୟରେ କହୁଥିଲେ । ଏବଂ ସେମାନେ କହିଥିଲେ ଯେ ସେମାନେ *ଏହା* ଏବଂ *ତାହା* କରିବାକୁ ଯାଉଛନ୍ତି, ଏବଂ ତାଙ୍କୁ ଛେଦନ କରି ଅସ୍ତ୍ରୋପଚାର କରିବାକୁ ଯାଉଛନ୍ତି, ଏବଂ ସାଇନସ୍ ଗ୍ରନ୍ଥିଗୁଡିକର ଅଂଶକୁ ବାହାର କରିବାକୁ ଯାଉଛନ୍ତି, ଯାହାକି ତାଙ୍କର ମୁହଁକୁ ସଂକୁଚିତ କରି ଦେବ, ଏବଂ ସେହିପରି ପ୍ରଭୃତି ବିଷୟସବୁ । ଏବଂ ସେ କହିଲେ ଯେ ସେ ଗଦା ଗଦା ଔଷଧ ବଟିକାଗୁଡିକ ନେଇଥିଲେ । ଏପରି ଦେଖା ଯାଉଥିଲା ଯେପରିକି ସେଠାରେ ଏତେ ଅଧିକ ବଟିକାଗୁଡିକ ରହିଛି ଯାହାକି ତାଙ୍କୁ ନେବାକୁ ପଡିଥିଲା । ମାତ୍ର ଯେତେବେଳେ ସେ ଜଣେ ଭଲ ଖ୍ରୀଷ୍ଟିଆନ ଡାକ୍ତରଙ୍କ ପାଖକୁ ଆସିଲେ, ସେହି ଡାକ୍ତର କହିଲେ, "ତେବେ ଆସନ୍ତୁ ବଟିକାଗୁଡିକୁ ଭୁଲିଯିବା ଏବଂ ଅସ୍ତ୍ରୋପଚାରକୁ ଭୁଲିଯିବା, ଏବଂ ସେହି ଶରୀରକୁ ଗଠନ କରିବା ଯେପରିକି ତାହା ସାଇନୁସାଇଟିସ୍‌କୁ ପ୍ରତିରୋଧ କରିପାରେ ।" ଏହାହିଁ ସବୁକିଛି ଅଟେ!

103 ଲୋକମାନଙ୍କ ସହିତରେ ମାମଲା କଅଣ ଅଟେ ଯେ ସେମାନେ ଆଉ ସେହିପରି ଦୀର୍ଘାୟୁ ବଞ୍ଚୁ ନାହାଁନ୍ତି ଯେପରିକି ଦିନେ ହେଉଥିଲେ? ଆମମାନଙ୍କୁ *ଏଥି*ପାଇଁ ଏକ ଔଷଧ ଟୀକା ଏବଂ *ସେଥି*ପାଇଁ ଏକ ଔଷଧ ଟୀକା ନେବାକୁ ପଡିଥାଏ, ଏବଂ ସମସ୍ତ ପ୍ରକାରର ଔଷଧ ସହିତ ନିଜକୁ ଛିଞ୍ଚିବାକୁ ପଡିଥାଏ । ଏହା କଅଣ କରିଥାଏ? ଏହା ଆମକୁ ନରମ, ମୋଟା, କୋମଳ କରିଦିଏ, କୌଣସି ଲାଭ କରେ ନାହିଁ । ଯେତେବେଳେକି ବହୁ ପୂର୍ବ ସମୟର ଲୋକ...କାହିଁକି, ଆମେ ତ ସବୁକିଛି ବିଷୟ ପ୍ରତି ଅସହ୍ୟ ହୋଇ ଯାଇଅଛୁ । ବର୍ତ୍ତମାନ ସେମାନେ ମନ୍ଦ-ଅସହ୍ୟକାରୀ ଏବଂ ଅନ୍ୟାନ୍ୟ ସବୁ କିଛି ହୋଇ ଯାଉଅଛନ୍ତି ।

104 ମୁଁ ଆଫ୍ରିକାରେ ଛିଡା ହୋଇଥିଲି, ମ୍ୟାଲେରିଆ ପାଇଁ ଔଷଧ ଟୀକା ନେଇପାରି ନ ଥିଲି । ମାତ୍ର ଏକ ମ୍ୟାଲେରିଆ ମଶା ମୋ ହାତ ଉପରେ ବସିଥାଏ, ମୋତେ ମ୍ୟାଲେରିଆ ରୋଗ ହୋଇଯିବ । ସେମାନେ ଗୁଜବ କରନ୍ତି ନାହିଁ, ଏବଂ ଆପଣ କ୍ୱଚିତ୍ ହିଁ ତାହା ଜାଣିବେ । ସେମାନେ ଓହ୍ଲାଇ ଆସନ୍ତି, ସେମାନେ କେବଳ ଓହ୍ଲାଇ ଆସି ବସି ଯାଆନ୍ତି, ତାହାହିଁ ସବୁକିଛି, ଆପଣଙ୍କୁ ତାହା ହୋଇଯାଏ । ଯଦି ଆପଣ ବଞ୍ଚି ରୁହନ୍ତି, ତାହାହେଲେ ଆପଣଙ୍କୁ ତାହା ପନ୍ଦର ବର୍ଷ ପର୍ଯ୍ୟନ୍ତ ହେଉଥିବ । ଏବଂ ତାହାପରେ ତ ବେଳେବେଳେ ଆପଣ ଏହା ସହିତ ମରି ଅଧ୍ୟ ଯାଆନ୍ତି । ଏବଂ ସେଠାରେ ସେମାନଙ୍କର ସେହି ଛୋଟ କୁଡିଆରେ ଅଧିବାସୀମାନେ ରହିଥାଆନ୍ତି, ସେମାନଙ୍କର ଗୋଡରେ ସବୁଆଡେ ମଶା ରହିଥାଏ, ସେମାନେ ଉଲଗ୍ନ ଥାଆନ୍ତି । ମଶାଗୁଡିକ ସେମାନଙ୍କ ଉପରେ ଲାଗି ରହିଥାଏ, ମ୍ୟାଲେରିଆ ମଶାଗୁଡିକ, ଏବଂ ଏହା ସେମାନଙ୍କୁ କୌଣସି କଷ୍ଟ ଦିଏ ନାହିଁ । କାହିଁକି? ସେମାନେ ତ ଏକ ପ୍ରତିରୋଧକ ଶକ୍ତି

ନିର୍ମାଣ କରି ନେଇଥାନ୍ତି । ସେମାନଙ୍କର ପରମେଶ୍ୱର-ଦତ୍ତ ଏକ ରୋଗ ପ୍ରତିଷେଧକ ଟୀକା ରହିଥିଲା ।

105 ଏବଂ ଆଜି ତାହାହିଁ ଆଜି ଲୋକମାନଙ୍କ ସହିତରେ ମାମଲା ଅଟେ । ତାହାହିଁ ହେଉଛି ଯାହାକି ମଣ୍ଡଳୀ ସହିତରେ ମାମଲା ଅଟେ । ଆମେମାନେ ଏତେ ଅଧିକ ଶିଶୁମାନଙ୍କର ରୋଗ ପ୍ରତିରୋଧକ ଟୀକା ଓ ମନୁଷ୍ୟ-କୃତ ଧର୍ମଶାସ୍ତ୍ରୀୟ ଜ୍ଞାନ ପାଇଅଛୁ, ଯେ ଏପରିକି ଆମେମାନେ ସେଥିରେ ସର୍ବତ୍ର ଛିଞ୍ଚା ଯାଇଅଛୁ । ଆମେମାନେ ଯାହା ଆବଶ୍ୟକ କରୁ ତାହା ହେଉଛି ପ୍ରଭୁ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ପରମେଶ୍ୱରଙ୍କ ରୋଗ ପ୍ରତିଷେଧକ ଟୀକା । ମନୁଷ୍ୟ ପ୍ରତିଦିନ ସେହି ପ୍ରକାରର ଏକ ଭୋଜନ ଦ୍ୱାରା ଜୀବିତ ରହିବ, ଯେପରିକି ନିଜ ପ୍ରାଣ ମଧ୍ୟରେ ପ୍ରତିଷେଧକ ଟୀକା ନିର୍ମାଣ କରେ ଯେଣୁ ଆତ୍ମିକ ରୋଗରୁ ରକ୍ଷା ପାଏ ଯାହାକି ସମଗ୍ର ଦେଶରେ ବ୍ୟାପି ଯାଉଅଛି ଏବଂ ମାଡି ଯାଉଅଛି । ଏହା ଉପରେ ଅନେକ ଟିପ୍ପଣୀଗୁଡିକ ରହିଅଛି, ମାତ୍ର ମୁଁ ବନ୍ଦ କରିବାକୁ ଯାଉଅଛି ।

106 ତେବେ, ନିର୍ମାଣ କରିବା, ରୋଗ ପ୍ରତିଷେଧକ ଟୀକା ନିମନ୍ତେ ପ୍ରସ୍ତୁତ ହେବା । ତେବେ, ଆମେ ଏହା ଦ୍ୱାରା ବଞ୍ଚିଥାଉ, ଆମ—ଆମ ଶରୀରରେ ଏହା ନିଶ୍ଚିତ ଭାବେ ରହିବା ଜରୁରୀ । ଏବଂ, ଯଦି ଆମେମାନେ ତାହା ନ କରିଥାଉ ତେବେ ଆମେମାନେ ସମସ୍ତ ପ୍ରକାରର ରୋଗ ପ୍ରତି ଶିକାର ହୋଇଥାଉ । ଏବଂ ପରମେଶ୍ୱରଙ୍କ ବାକ୍ୟ, ଯେପରିକି ଆମେମାନେ ଏହାକୁ ବିଶ୍ୱାସ କରୁ ଏବଂ ପ୍ରଭୁଭୋଜ ଦ୍ୱାରା ଏହାକୁ ଗ୍ରହଣ କରୁ, "ହେ ପ୍ରଭୁ, ତୁମ୍ଭର ବାକ୍ୟ ସତ୍ୟ ଅଟେ ।"

107 "ମୋର ମଣ୍ଡଳୀ କୁହେ ଯେ ଆପଣଙ୍କୁ ନୂତନ ଜନ୍ମ ହେବାର ଆବଶ୍ୟକତା ନାହିଁ । ସେମାନେ କୁହନ୍ତି, 'ହାତ ମିଶାଇବା ହିଁ ନୂତନ ଜନ୍ମ ଅଟେ ।' ସେମାନେ କୁହନ୍ତି, 'ଛିଞ୍ଚଣ ଅଟେ ।' ସେମାନେ ଏହି ସବୁ ଅନ୍ୟାନ୍ୟ କଥା କୁହନ୍ତି, 'ତାହାହିଁ ସବୁ କିଛି, ପିତା, ପୁତ୍ର ଏବଂ ପବିତ୍ରଆତ୍ମା ।'" ମାତ୍ର ବାଇବଲ ତ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ ବୋଲି କହିଅଛି । ବୁଝିଲେ? ତେବେ, ଯଦି ଆପଣ ଚାହାଁନ୍ତି ଆପଣ ସେହି କୃତ୍ରିମ ଔଷଧ ଟୀକାଗୁଡିକ ସହିତ ଆଗକୁ ଯାଆନ୍ତୁ, ଆପଣ ନିଜକୁ ଜଣେ କୃତ୍ରିମ ଖ୍ରୀଷ୍ଟିଆନ କରି ଗଢି ତୋଳିବେ । ବୁଝିଲେ? ଆପଣ ତାହା ଚାହାଁନ୍ତି ନାହିଁ ।

108 ଆପଣ କେବଳ ଖ୍ରୀଷ୍ଟଙ୍କୁ ଛାଡିଦେଲେ, ଅନ୍ୟ କୌଣସି ଉପାୟରେ ଜୀବନ ପାଇପାରନ୍ତି ନାହିଁ । ଏବଂ ତେବେ ତାହାଙ୍କର ବାକ୍ୟ କଅଣ କରିଥାଏ? ଏହା ଆମର ଆତ୍ମିକ ଶରୀରକୁ ସୁଦୃଢ଼ ଭାବେ, ଗଠନ କରିଥାଏ, ଯେତେବେଳେକି ଆମେମାନେ ତାହାଙ୍କ ସହିତରେ ସହଭାଗିତା କରିଥାଉ, ଯେପରିକି ଶୟତାନକୁ ପ୍ରତିରୋଧ କରିପାରୁ ।

109 ଆପଣ କୁହନ୍ତି, "ଭାଇ ବ୍ରାନହାମ୍, ତାହା କଅଣ ଅଟେ ଯାହାକି ଆପଣ କହିଲେ, 'ତାହାଙ୍କ ବାକ୍ୟରେ ସହଭାଗିତା କରିବା'?"

110 ହଁ, ସେ ହେଉଛନ୍ତି ବାକ୍ୟ । "ଆଦ୍ୟରେ ବାକ୍ୟ ଥିଲେ, ଏବଂ ବାକ୍ୟ ପରମେଶ୍ୱରଙ୍କ

ସହିତରେ ଥିଲେ, ଏବଂ ବାକ୍ୟ ପରମେଶ୍ୱର ଥିଲେ। ଏବଂ ସେହି ବାକ୍ୟ ଦେହବନ୍ତ ହେଲେ ଓ ଆମମାନଙ୍କ ମଧ୍ୟରେ ବାସ କଲେ।" ଏବଂ ଆମମାନଙ୍କୁ ତାହାଙ୍କର ଶରୀର ଭୋଜନ କରିବାକୁ ଅଛି। ତେବେ ତାହାଙ୍କ ଶରୀର ହେଉଛି ତାହଙ୍କର ବାକ୍ୟ, କାରଣ ସେ ବାକ୍ୟ ଅଟନ୍ତି। ଏବଂ ସାଧୁ ଯୋହନ 15 ରେ, ସେ କହିଲେ, "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋର ପ୍ରଭୁଭୋଜ, ମୋହର ବାକ୍ୟ, ତୁମଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ତୁମେ ମାଗ ଏବଂ ତାହା ତୁମ ପାଇଁ କରାଯିବ।" ଆପଣ ସେଠାରେ ଅଛନ୍ତି। ତାହା ସତ ଅଟେ। ଦେଖନ୍ତୁ, ତୁମର ଯାହା ଇଚ୍ଛା ତାହା ତୁମେ ମାଗ!

111 ଆପଣ କଅଣ କରନ୍ତି? ଆପଣ ନିଜ ଶରୀରକୁ ରୋଗ ପ୍ରତିଷେଧକ ଟୀକାଠାରୁ ସେହି ବିଷୟ ପ୍ରତି ନିର୍ମାଣ କରୁଛନ୍ତି...କେହି ଜଣେ ଭିତରକୁ ଆସି କୁହନ୍ତି, "ଓଃ, ଆମର ମଣ୍ଡଳୀ ଚିତ୍କାର କରିବାରେ ବିଶ୍ୱାସ କରେ ନାହିଁ।" ଦେଖନ୍ତୁ, ଆପଣ ନିର୍ମାଣ ହେଉଅଛନ୍ତି। କଅଣ? ଆପଣଙ୍କ ଭିତରେ ଆପଣ ପ୍ରଭୁଭୋଜ, ସେହି ବାକ୍ୟକୁ ପାଇଥାଆନ୍ତି। ଏବଂ ଆପଣଙ୍କୁ ତ ଏଥିରୁ ପ୍ରତିରୋଧକ ଶକ୍ତି ପ୍ରଦାନ କରାଯାଇଥାଏ। ଯଦି କିଛି ଏକ ନିର୍ବୋଧତା ବିଷୟ ଆସେ, ଏହା କଅଣ ଅଟେ? ଏଥିରେ କୌଣସି ବାକ୍ୟ ବିଷୟ ନ ଥାଏ, ତେବେ ଆପଣ ନିଶ୍ଚିତ ରୁହନ୍ତି ଯେ ଏହା ଭୁଲ୍ ଅଟେ। ମୋର ଯାଏ ଆସେ ନାହିଁ ଯେ ଏହା କେତେ ବାସ୍ତବ ପରି ଦେଖାଯାଏ, ଯଦି ଏହା ବାକ୍ୟ ନୁହେଁ ତାହାହେଲେ ଏହାକୁ ସେହିପରି ଛାଡି ଦିଅନ୍ତୁ। ଠିକ୍, ଏହାକୁ ଏକାକୀ ଛାଡି ଦିଅନ୍ତୁ। ମୋର ଯାଏ ଆସେ ନାହିଁ ଯେ ଏହା କଅଣ କରେ, ଏହାକୁ ତ ବାକ୍ୟ ସହିତ ତୁଳନା କରିବା ଜରୁରୀ ଅଟେ!

112 ପ୍ରାର୍ଥନାରେ, ଯେପରିକି ମୁଁ ମୀଖାଙ୍କୁ ସେଠାରେ ଛିଡା ହୋଇଥିବାର ଉଦ୍ଧୃତ କରିଥିଲି, ଦେଖନ୍ତୁ, ଏହା ପ୍ରକୃତରେ ଠିକ୍ ଦେଖାଯାଉଥିଲା, ଯେତେବେଳେକି ସେଠାରେ ଇସ୍ରାଏଲ୍ ରହିଥିଲା, ଏବଂ ସେହି ଭୂମି ଖଣ୍ଡକ ସେମାନଙ୍କର ଥିଲା। ସେହି ବିଦେଶୀମାନେ ଆସି ସେମାନଙ୍କଠାରୁ ଏହାକୁ ଛଡାଇ ଅଧିକାର କରି ନେଇଥିଲେ ଓ ସେମାନଙ୍କର ନିଜ ଘରଗୁଡିକ ନିର୍ମାଣ କରି ନେଇଥିଲେ, ଏବଂ ସେମାନେ ଦେଶର ସେହି ଅଂଶକୁ ଦଖଲ କରି ନେଇଥିଲେ ଯାହା ପରମେଶ୍ୱର ସେମାନଙ୍କୁ ଦେଇଥିଲେ। ତେଣୁକରି ଏହା ଏପରି ଦେଖା ଯାଉଥିଲା ଯେପରିକି ସେହି ଚାରି ଶହଜଣ ଏବ୍ରୀ ଭବିଷ୍ୟଦ୍‌ବକ୍ତାମାନେ ଠିକ୍ ଥିଲେ। ମାତ୍ର, ଆପଣମାନେ ଜାଣନ୍ତି, ଯିହୋଶାଫଟ୍ ବିଷୟରେ କିଛି ଗୋଟାଏ ତ ଥିଲା ଯାହାକି ଆତ୍ମିକ ଥିଲା, ସେ କହିଥିଲେ, "କଅଣ ତୁମ ପାଖରେ ଆଉ ଜଣେ ନାହଁ କି?"

113 କହିଲା, "ମୋ ପାଖରେ ଆଉ ଜଣେ ଅଛି, କିନ୍ତୁ," କହିଲା, "ମୁଁ ତାକୁ ଘୃଣା କରେ। କେବଳ ଏକମାତ୍ର ବିଷୟ ଯାହା ସେ କରେ ତାହା ହେଉଛି କେବଳ ମନ୍ଦ ଭବିଷ୍ୟତ୍‌ବାଣୀ କରିବା।"

ଯିହୋଶାଫଟ୍ କହିଲେ, "ଯାଅ ତାଙ୍କୁ ନେଇ ଆସ ଏବଂ ଆସନ୍ତୁ ତାଙ୍କୁ ଶୁଣିବା।"

114 ଏବଂ ସେ ଉପରକୁ ଗଲେ, ମୀଖା କହିଲେ, "ଯାଆନ୍ତୁ, ସେଠାକୁ ଉପରକୁ ବଢି ଯାଆନ୍ତୁ,

ମାତ୍ର ମୁଁ ଇସ୍ରାଏଲକୁ ଏକ ମେଷପାଳକ ବିହୀନ ଛିନ୍ନଭିନ୍ନ ହୋଇଥିବା ପରି ଦେଖୁଅଛି ।" ଏବଂ ତାହାପରେ ସେ ତାଙ୍କ ଦର୍ଶନ ବିଷୟ କହିଲେ ।

115 ତେବେ, କିଏ ଠିକ୍ ଅଟେ? ଏପରି ଦେଖାଯାଉଥିଲା ଯେ ସେହି ଚାରି ଶହ ଜଣ ଠିକ୍ ଅଟନ୍ତି । ଚାରି ଶହ ଉତ୍ତମ ତାଲିମପ୍ରାପ୍ତ ବ୍ୟକ୍ତିମାନେ, କହୁଛନ୍ତି, "ଉପରକୁ ଯାଆନ୍ତୁ, ପ୍ରଭୁ ଆପଣଙ୍କ ସହିତରେ ଅଛନ୍ତି ।" ଆଉ ଏପରିକି ସିଦିକିୟଙ୍କ ପାଖରେ ତ ଗୋଟିଏ—ଗୋଟିଏ—ଗୋଟିଏ—ଗୋଟିଏ ରହିଥିଲା…ସିଦିକିୟଙ୍କ ପାଖରେ ଲୁହାରେ ନିର୍ମିତ ଦୁଇଟି ବଡ଼ ବଡ଼ ଶିଙ୍ଗମାନ ରହିଥିଲା । ସେ କହିଥିଲେ, "ଏହା ଦ୍ୱାରା ଆପଣ ବିଦେଶୀମାନଙ୍କୁ ଦେଶରୁ ତଡି ବାହାର କରିଦେବେ ।" ସେ ନିଶ୍ଚିତ ଥିଲେ ଯେ ସେ ଠିକ୍ ଅଟନ୍ତି । ସେ ଜାଣିଥିଲେ ଯେ ସେ ଠିକ୍ ଅଟନ୍ତି । ମାତ୍ର, ଆପଣ ଦେଖନ୍ତୁ, ସେ ଭୁଲ୍ ଥିଲେ ।

116 ଏବଂ ଏଠାରେ, ମୀଖା, ଚାରି ଶହ ବିରୁଦ୍ଧରେ ଜଣେ, ଆଉ ସେ କହିଥିଲେ, "ଯଦି ତୁମେ ଉପରକୁ ଯିବ, ଇସ୍ରାଏଲ ମେଷପାଳକ ବିହୀନ, ଛିନ୍ନ ଛତ୍ର ହୋଇଯିବ ।"

117 ଏବଂ ଅନ୍ୟମାନେ କହିଥିଲେ, "ଉପରକୁ ଯାଆନ୍ତୁ, ପ୍ରଭୁ ଆପଣଙ୍କ ସହିତରେ ଅଛନ୍ତି!" ତେବେ, ପାର୍ଥିବ ଦୃଷ୍ଟିରୁ, ସେମାନେ ଠିକ୍ ଥିଲେ, ସେହି ସ୍ଥାନଟି ଇସ୍ରାଏଲର ଅନ୍ତର୍ଭୁକ୍ତ ଥିଲା । ମାତ୍ର ପ୍ରଭୁଙ୍କର ବାକ୍ୟ ଆହାବଙ୍କୁ ନିନ୍ଦା କରି ସାରିଥିଲା, ତେବେ ପରମେଶ୍ୱର କିପରି ତାହାକୁ ଆଶୀର୍ବାଦ କରିପାରିବେ ଯାହା ସେ ନିନ୍ଦା କରି ସାରିଥିଲେ?

118 ତାହା ଆଜି ସେଠାରେ ଅଟେ । ବୁଝିଲେ? ପ୍ରଭୁଭୋଜର ବାକ୍ୟ ମୀଖାଠାରେ ରହିଥିଲା । ତେବେ, ଯଦି ଆପଣ ପ୍ରକୃତ ପ୍ରଭୁଭୋଜ ନେବାରେ ପରମେଶ୍ୱରଙ୍କ ସହିତ ସହଭାଗିତା କରୁଅଛନ୍ତି, ଏବଂ ଆପଣଙ୍କ ଭିତରେ ଥିବା ଆତ୍ମା ଏହି ବାକ୍ୟ ସହିତ ସହମତ ନୁହେଁ, ତେବେ ଆପଣ ପରମେଶ୍ୱରଙ୍କ ସହିତ ସହଭାଗିତା କରୁନାହାଁନ୍ତି, ଆପଣ ଭୂତମାନଙ୍କ ସହିତ ସହଭାଗିତା କରୁଅଛନ୍ତି । ଏବଂ ସେମାନେ ଏତେ ଅଧିକ ଛଳନାକାରୀ ଅଟନ୍ତି! ବାଇବଲ କୁହେ, "ଶେଷ ଦିନରେ ଯଦି ସମ୍ଭବ ହୁଏ ତେବେ ସେମାନେ ମନୋନୀତ ଲୋକମାନଙ୍କୁ ସୁଦ୍ଧା ପ୍ରତାରିତ କରି ପକାଇବେ । ମାତ୍ର ଆକାଶ ଓ ପୃଥିବୀ ଲୋପ ପାଇଯିବ, କିନ୍ତୁ ମୋହର ବାକ୍ୟ ବିଫଳ ହେବ ନାହିଁ ।" ଏବଂ ଯଦି ଜଣେ…ପାଉଲ କହିଲେ, ଗାଲାତୀୟ 1:8, "ଯଦି ସ୍ୱର୍ଗରୁ ଜଣେ ଦୂତ ସୁଦ୍ଧା ଆସି ଏହା ବ୍ୟତୀତ ଅନ୍ୟ କୌଣସି ସୁସମାଚାର ପ୍ରଚାର କରନ୍ତି ଯାହା ତୁମେମାନେ ଆଗରୁ ଶୁଣିଅଛ, ତେବେ ସେ ଅଭିଶପ୍ତ ହେଉ ।" ଏପରିକି ଜଣେ ଦୂତ ସୁଦ୍ଧା! ପ୍ରାରମ୍ଭିକ ମଣ୍ଡଳୀରେ, ଯେତେବେଳେ ସେହି ବ୍ୟକ୍ତିମାନେ, ଯେପରିକି ସାଧୁ ମାର୍ଟିନ୍, ଇରେନିୟସ୍, ସେହି ଧାର୍ମିକ ବ୍ୟକ୍ତିମାନେ, ଯେତେବେଳେ ସେହି ଶୟତାନ ଏକ ଆଲୋକର ଦୂତ ଭାବରେ ଦର୍ଶନ ଦେଇଥିଲା । ମାତ୍ର, ଆପଣମାନେ ଦେଖନ୍ତୁ, ସେ ବାକ୍ୟରୁ ଅଳ୍ପ ଟିକେ ଓହରି ଯାଇଥିବ ।

119 ସେ ହବାଙ୍କ ନିକଟରେ ଏକ ଆଲୋକର ଦୂତ ଭାବରେ ଦର୍ଶନ ଦେଇଥିଲା, ତାଙ୍କୁ କହିଲା, "ନିଶ୍ଚିତରେ, ପ୍ରଭୁ *ଏହା* କହିଛନ୍ତି, ପ୍ରଭୁ *ଏହା* କହିଛନ୍ତି," ମାତ୍ର ଅବଶେଷରେ ସେ

ପରମେଶ୍ୱରଙ୍କ ସହିତ ଅସହମତ ହୋଇଥିଲା । ଏବଂ ଠିକ ସେହିପରି ଭାବରେ ତ ଆଜି ମିଥ୍ୟା ପ୍ରଭୁଭୋଜ କରିଥାଏ । ଯେତେବେଳେ ଲୋକମାନେ ଭାବନ୍ତି ଯେ ସେମାନେ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଅଛନ୍ତି, ଏବଂ ବାକ୍ୟ ପାଳନ ନ କରନ୍ତି, ଏହା ଏକ ମିଥ୍ୟା ପ୍ରଭୁଭୋଜ ଅଟେ ।

120 "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋହର ବାକ୍ୟ ତୁମଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ମାଗ," ଦେଖନ୍ତୁ, "ଏବଂ ଏହା ହୋଇଯିବ ।" ତେବେ, ଏହା କେବଳ ଗୋଟିଏ ଥର ହୋଇ ଯାଇପାରେ, ଏବଂ ତାହାପରେ ନ ହେବ ସେହିପରି ନୁହେଁ । "ତୁମେ ମୋ ଠାରେ ରୁହ, ମୋହର ବାକ୍ୟ ତୁମଠାରେ ରୁହେ," ଅର୍ଥାତ, ସେଠାରେ ରହିଥାଅ । ରହିବା'ର ଅର୍ଥ ହେଉଛି "ସେଠାରେ ବିଶ୍ରାମ କର, ଠିକ ସେହିଠାରେ ରୁହ ।" ହଁ, ଏହା—ଏହା ପାପପୂର୍ଣ୍ଣ ରୋଗରୁ ପ୍ରତିଷେଧକ ଟୀକା ଅଟେ ।

121 ତେବେ, ଆମେମାନେ ପ୍ରଭୁଭୋଜର ମେଜ ନିକଟକୁ ଯିବା ପୂର୍ବରୁ, ଆସନ୍ତୁ, ବର୍ତ୍ତମାନ ଏହି ଗୋଟିଏ ଶବ୍ଦ କହି ମୁଁ ବନ୍ଦ କରିବାକୁ ଯିବି । ପ୍ରଭୁଙ୍କ ରକ୍ତ ଏବଂ ଶରୀର, ବିଶ୍ୱାସ ସହିତ ମିଶ୍ରିତ ହୋଇ, ଯାହାକି ହେଉଛି ରକ୍ତ ଏବଂ ଶରୀର, ଯାହାକି ଆତ୍ମା ଏବଂ ବାକ୍ୟ, ବିଶ୍ୱାସ ସହିତ ମିଶ୍ରିତ ହୋଇ, ଅନନ୍ତ ଜୀବନ ଉତ୍ପନ୍ନ କରେ । "ଯିଏ ମୋ ମାଂସ ଭୋଜନ କରେ ଏବଂ ମୋ ରକ୍ତ ପାନ କରେ ତାହାଠାରେ ଅନନ୍ତ ଜୀବନ ଅଛି, ଏବଂ ମୁଁ ତାକୁ ଶେଷ ଦିନରେ ଉତ୍ଥିତ କରିବି ।" ସେଠାରେ ଆପଣ ଅଛନ୍ତି । ଏହା କଅଣ ଅଟେ? ପ୍ରଭୁଙ୍କର ପ୍ରଭୁଭୋଜ । ସେହି ବାକ୍ୟ ଏବଂ ସେହି ଆତ୍ମା, ଏହି ଜୀବନଟି ସେହି ରକ୍ତରେ ଅଛି, ସେହି ବାକ୍ୟ ଏବଂ ସେହି ଆତ୍ମା ପ୍ରଭୁଙ୍କଠାରେ ବିଶ୍ୱାସ ଦ୍ୱାରା, ଅନନ୍ତ ଜୀବନକୁ ଉତ୍ପନ୍ନ କରେ ।

122 ଏଠାରେ ମୋର ପ୍ରାର୍ଥନା ଯେ, ଯେତେବେଳେ ମୁଁ ଶେଷ ସମୟକୁ ଆସୁଥିବାର ଦେଖେ ଏବଂ ଏହା ଦେଖେ ଯେ, କୌଣସି ବି ମିନିଟରେ, କିଛି ଗୋଟାଏ ବିଷୟ ଘଟି ଯାଇପାରେ, ଏବଂ ଏହା ଜାଣେ ଯେ ଆମେମାନେ ପ୍ରଭୁଙ୍କ ଆଗମନଠାରୁ ବହୁତ ଅଧିକ ଦୂରରେ ନାହୁଁ:

ତାହାହେଲେ ପ୍ରଭୁ, ପରମେଶ୍ୱରଙ୍କ ପୁତ୍ର, ପ୍ରଭୁ ଯୀଶୁଙ୍କ ନାମରେ, ମୋତେ ସେହି ବାକ୍ୟ, ସେହି ଖଡଗକୁ ନେବାକୁ ଦିଅନ୍ତୁ, ଏବଂ ଏହାକୁ ମୋ ଠାରେ ଥିବା ବିଶ୍ୱାସ ସହିତ ଶୁନ୍ୟରେ ଲହରାଇବାକୁ ଦିଅନ୍ତୁ, ଏବଂ ପ୍ରତ୍ୟେକ ଭୂତ ଶକ୍ତିକୁ କାଟି ମୋର ମାର୍ଗ ପ୍ରଶସ୍ତ କରିବାକୁ ଦିଅନ୍ତୁ, ଯେପର୍ଯ୍ୟନ୍ତକି ମୁଁ ତାହାଙ୍କ ବାକ୍ୟର ସହଭାଗିତା ଦ୍ୱାରା, ଯୀଶୁଙ୍କୁ ନ ଦେଖି ନିଏ ।

123 ତାହାଙ୍କ ବାକ୍ୟ ସହିତରେ ସହଭାଗିତା କରନ୍ତୁ । "ଯଦି ତୁମେ ମୋ ଠାରେ ରୁହ, ଏବଂ ମୋ ବାକ୍ୟ ତୁମଠାରେ ରୁହେ, ତେବେ ତୁମର ଯାହା ଇଚ୍ଛା ତାହା ମାଗ ଏବଂ ତାହା ତୁମ ପାଇଁ କରାଯିବ ।" କେତେ ସୁନ୍ଦର! ତାହାହିଁ ହେଉଛି ସେହି ବାକ୍ୟ ଏବଂ ସେହି ଆତ୍ମା ସହିତ ପ୍ରକୃତ ସହଭାଗିତା, ପୁଣି ତାହା ସହିତ ଏହାକୁ ଲହରାଇବା ହେତୁ ବିଶ୍ୱାସକୁ ମିଶାଇ, "ତୁମର ଯାହା ଇଚ୍ଛା ମାଗ, ଏବଂ ତାହା ତୁମ ପାଇଁ କରାଯିବ ।" ଆସନ୍ତୁ ପ୍ରାର୍ଥନା କରିବା ।

124 ଅନୁଗ୍ରହକାରୀ ତଥା ସମ୍ଭ୍ରାନ୍ତ ପବିତ୍ର ପିତା ପରମେଶ୍ୱର, ସେହି ମହାନ **ମୁଁ ଅଟେ**,

ଅବ୍ରହାମଙ୍କ ପାଇଁ, ସେହି ଏଲ୍ ଶଦ୍ଦାଇ। ହେ ପରମେଶ୍ୱର, କିପରି ପ୍ରଭୁଙ୍କର ଏହି ମହାନ ପ୍ରଭୁଭୋଜ ଅନନ୍ତ ଜୀବନ ସହିତ ସମାନ ଅଟେ, ଏବଂ ଏହା କିପରି ଗର୍ବରୁ ରକ୍ଷା ନିମନ୍ତେ ପ୍ରତିଷେଧକ ଭାବେ କାର୍ଯ୍ୟ କରେ, ଏହା କିପରି ଅବିଶ୍ୱାସରୁ ରକ୍ଷା ନିମନ୍ତେ ପ୍ରତିଷେଧକ କାର୍ଯ୍ୟ କରେ, ଏହା କିପରି ଜଗତର ପାପରୁ ରକ୍ଷା ନିମନ୍ତେ ପ୍ରତିଷେଧକ କାର୍ଯ୍ୟ କରେ! ଏହା ଆମର ସ୍ୱର୍ଗୀୟ ପିତାଙ୍କ ପ୍ରତି ଈଶ୍ୱରୀୟ ପ୍ରେମରେ, ସହଭାଗିତା ଅଟେ। ଏବଂ ଯୀଶୁ ଖ୍ରୀଷ୍ଟଙ୍କ ଧାର୍ମିକତା ଦ୍ୱାରା ଆମେମାନେ ଏହି ମେଜକୁ ପ୍ରବେଶ ପାଇଅଛୁ। ଏବଂ ହେ ପ୍ରଭୁ, ଆମେମାନେ ପ୍ରାର୍ଥନା କରୁଅଛୁ, ଯେ ତୁମେ ଆମ ପ୍ରତ୍ୟେକ ଜଣଙ୍କୁ ଆଜି ରାତିରେ, ଆତ୍ମାଙ୍କ ଦ୍ୱାରା ପ୍ରବେଶ ଦେବ। ଆମକୁ କ୍ଷମା କର। ଏବଂ ଆମେମାନେ ଚାହୁଁ ଯେ ଆମର ଆତ୍ମିକ ଶରୀରଗୁଡିକ ବୃଦ୍ଧି ପାଉ। ଆମେମାନେ କୌଣସି ମଣ୍ଡଳୀ କିମ୍ବା କୌଣସି ନାମଧାରୀ ସଂସ୍ଥାରେ ଯୋଗଦେବା ବିଷୟରେ ଚିନ୍ତା କରୁନାହୁଁ। ଆମେମାନେ ତ ଆତ୍ମିକ ଶରୀରକୁ, ପାପରୁ ପ୍ରତିରୋଧ ଭାବରେ, ଏପରି ଏକ ସ୍ଥାନକୁ ଗଠନ କରିବାକୁ ଚାହୁଁ, ଯେଉଁଠାରେକି ଭୁଲ୍ କରିବାର କୌଣସି ଇଚ୍ଛା ବାକି ରହେ ନାହିଁ, ଏବଂ ଯେଉଁଠାରେକି ପବିତ୍ରଆତ୍ମା ତାଙ୍କର ନିଜର ବାକ୍ୟକୁ ଏବଂ ଆମମାନଙ୍କର ଓଠଗୁଡିକୁ ନେଇପାରନ୍ତି, ଏବଂ ସେତିକି ସତେଜ ଭାବରେ କଥା କହିପାରନ୍ତି ଯେପରିକି ତାହା ସେହି ଦିନ କୁହାଯାଇଥିଲା, କାରଣ ଏହା ସେହି ସମାନ ଆତ୍ମା ଅଟନ୍ତି ଯାହାକି ପ୍ରଭୁ ଯୀଶୁଙ୍କଠାରେ ରହିଥିଲା। ପିତା, ମୁଁ ପ୍ରାର୍ଥନା କରେ, ଯେ ତୁମେ ଆମକୁ ତାହା ପ୍ରଦାନ କରିବ।

125 ସମୟ ସନ୍ନିକଟ ହୋଇ ଆସୁଅଛି। ଠିକ କେତେବେଳେ ଅଟେ, ଆମେ ତାହା ଜାଣି ନାହୁଁ, ଯେ ସେହି ଶେଷଜଣକ ଉଦ୍ଧାରପ୍ରାପ୍ତ ହେବ। ମାତ୍ର ମୁଁ ଆଜି ରାତିରେ ପ୍ରାର୍ଥନା କରୁଛି ଯେ, ହେ ପ୍ରଭୁ, ଯଦି ଏଠାରେ ଏପରି କେହି ଅଛନ୍ତି ଯେଉଁମାନେକି ତାହାଙ୍କୁ ନିଜର ତ୍ରାଣକର୍ତ୍ତା ଭାବରେ ଜାଣି ନାହାଁନ୍ତି, ଏହା ହେଉ ଯେ ସେମାନେ ଆଜି ରାତିରେ ତୁମକୁ ପାଆନ୍ତୁ ଯେତେବେଳେ ସେମାନେ ବାପ୍ତିସ୍ମର ଏହି ଜଳ ନିକଟକୁ ଆସୁଥାଆନ୍ତି, ଏକ ସ୍ମାରକ ଭାବରେ, ବିଶ୍ୱାସୀମାନଙ୍କର ଏହି ଶରୀର ନିକଟରେ ସ୍ୱୀକାର କରିବା ନିମନ୍ତେ ଯେ ସେମାନେ ଏହି କାହାଣୀକୁ ବିଶ୍ୱାସ କରନ୍ତି ଯେ ନାଜରିତର ଯୀଶୁ କୁମାରୀ ମରିୟମଙ୍କଠାରୁ ଜନ୍ମ ହୋଇଥିଲେ, ଏବଂ ପନ୍ତିୟ ପୀଲାତଙ୍କ ଦ୍ୱାରା କ୍ରୁଶାର୍ପିତ କରାଯାଇ, ବଧ କରା ଯାଇଥିଲେ, ଏବଂ ତୃତୀୟ ଦିନ ପରମେଶ୍ୱରଙ୍କ ଦ୍ୱାରା ପୁନରୁତ୍ଥିତ କରା ହୋଇଥିଲେ, ଏବଂ ଆଜି ରାତି ସେହି ମହାମହିମଙ୍କ ଡାହାଣ ପଟେ ବିରାଜିତ ହୋଇଅଛନ୍ତି, ଯେପରିକି ମଧ୍ୟସ୍ଥିର କାର୍ଯ୍ୟ ନିମନ୍ତେ ସଦାକାଳ ଜୀବିତ ଥାଆନ୍ତି।

126 ପ୍ରଭୁ, ଏହା ପ୍ରଦାନ କର, ଯେ ସେହି ସମାନ ବ୍ୟକ୍ତି, ବାଇବଲର ଆଦେଶଗୁଡିକ ପାଳନ କରେ, "ତୁମେମାନେ, ପ୍ରତ୍ୟେକ ଜଣ, ମନ ଫେରଣ କର ଏବଂ ନିଜ ନିଜର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ। କାରଣ ସ୍ୱର୍ଗ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଅନ୍ୟ କୌଣସି ନାମ ନାହିଁ ଯାହା ଦ୍ୱାରାକି ତୁମେମାନେ ଉଦ୍ଧାରପ୍ରାପ୍ତ ହେବ।" ହେ ପରମେଶ୍ୱର, ଏହା ହେଉ ଯେ ଲୋକମାନେ ଏହାର ନିଷ୍ଠାପରତାକୁ ଏବଂ ଦୃଢ଼ ବାକ୍ୟକୁ

ଦେଖିପାରନ୍ତୁ, "ସ୍ଵର୍ଗ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଅନ୍ୟ କୌଣସି ନାମ ନାହିଁ ଯାହା ଦ୍ଵାରାକି ତୁମେମାନେ ଉଦ୍ଧାରପ୍ରାପ୍ତ ହେବ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ନାମରେ ।" ଅତଏବ, ସେହି ପ୍ରେରିତ କହିଲେ, "ତୁମେମାନେ, ପ୍ରତ୍ୟେକ ଜଣ ମନ ଫେରଣ କର ଏବଂ ନିଜ ନିଜର ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଏବଂ ତୁମେ ପବିତ୍ରଆତ୍ମାଙ୍କ ଦାନ ପ୍ରାପ୍ତ ହେବ । କାରଣ ସେହି ପ୍ରତିଜ୍ଞା ପ୍ରତ୍ୟେକ ଯୁଗ ନିମନ୍ତେ ଅଟେ, ଏପରି ଯେତେ ଲୋକଙ୍କୁ ଯାହାଙ୍କୁ ପ୍ରଭୁ ଆମ ପରମେଶ୍ୱର ଡାକିବେ ।" ପ୍ରଭୁ, ଏହା ପ୍ରଦାନ କର, ଯେ ଆଜି ରାତି ସେଠାରେ ବହୁତ ଡାକରା ରହିବ ।

127 ଏବଂ ଏହା ମଧ୍ୟ, ଆମ ପ୍ରଭୁଙ୍କ ଦ୍ଵାରା କୁହାଯାଇଅଛି, "କେହି ମୋ ପାଖକୁ ଆସିପାରେ ନାହିଁ ଯେପର୍ଯ୍ୟନ୍ତ ମୋ ପିତା ତାକୁ ଆକର୍ଷିତ ନ କରନ୍ତି, ଏବଂ ଯେସମସ୍ତଙ୍କୁ ପିତା ମୋତେ ଦାନ କରିଅଛନ୍ତି ସେମାନେ ମୋ ନିକଟକୁ ଆସିବେ । ମୋର ମେଣ୍ଢା ମୋର ସ୍ଵର ଶୁଣନ୍ତି ।" ଜଣେ ଅପରିଚିତ, ଏବଂ ଯଦି ଜଣେ ଅପରିଚିତ ବ୍ୟକ୍ତି କଥା କୁହେ, ଏପରି ଏକ ସ୍ଵର ଯାହାକି ଶାସ୍ତ୍ରସଙ୍ଗତ ନୁହେଁ, ତେବେ ଶୀଘ୍ର ହିଁ ସେହି ମେଣ୍ଢା ତାହାକୁ ଚିହ୍ନି ପକାଇବ । ହେ ପରମେଶ୍ୱର! ଏବଂ ଯଦି ଏହା ତୁମର ସ୍ଵର, ବାଇବଲ ଅଟେ, ତେବେ ଏହା ଯାହାକିଛି ବି କୁହେ, ପ୍ରତ୍ୟେକ ମେଣ୍ଢା ଏହାକୁ ଶୁଣିବେ, କାରଣ ଏହା ମେଣ୍ଢାର ଭୋଜନ ଅଟେ । ସେମାନେ ସହଭାଗିତା କରିଅଛନ୍ତି । ସେମାନେ ଜାଣିଛନ୍ତି ଯେ ପିତା କେଉଁ ପ୍ରକାର ଭୋଜନ ପରିବେଷଣ କରନ୍ତି । "ମନୁଷ୍ୟ କେବଳ ରୁଟି ଦ୍ଵାରା ବଞ୍ଚିବ ନାହିଁ, ବରଂ ପତ୍ରମେଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟ ଦ୍ଵାରା ବଞ୍ଚିବ ।" ପ୍ରଭୁ, ଏହା ପ୍ରଦାନ କର, ଯେ ଅନେକେ ଦେଖିବେ ଏବଂ ବୁଝିବେ, ଏବଂ ଆଜି ରାତିରେ ତୁମ ପାଖକୁ ଆସିବେ ।

128 ଯେଉଁମାନେ ପବିତ୍ରଆତ୍ମା ବିହୀନ ଅଛନ୍ତି, ଏହା ହେଉ ଯେ ସେମାନେ ଏହାକୁ ଅନ୍ୟ ଏକ ସମୟ ପାଇଁ ନ କରି ଦିଅନ୍ତୁ । ଅନ୍ୟ ଏକ ସମୟରେ ଏହା ଅତ୍ୟଧିକ ବିଳମ୍ବ ହୋଇ ଯାଇପାରେ । ସେମାନେ ହୁଏତ ଏଠାରେ ନ ଥାଇପାରନ୍ତି ।

129 ଏବଂ, ପିତା, ଯେତେବେଳେ ଆମେମାନେ ତୁମର ଭଗ୍ନ ଶରୀରର ଏହି ନିଦର୍ଶନ ସ୍ଵରୂପକୁ ଗ୍ରହଣ କରିବା ନିମନ୍ତେ ମେଜ ଚାରିପାଖରେ ଏକତ୍ର ହୋଇଅଛୁ, ଆମେମାନେ ପ୍ରାର୍ଥନା କରୁ ଯେ ଯଦି ଆମମାନଙ୍କ ମଧ୍ୟରେ ପାପ ରହିଛି, ପ୍ରଭୁ, ତେବେ ଆମକୁ କ୍ଷମା କର । ତୁମେ କହିଛ, "ଯେତେବେଳେ ତୁମେ ଏକାଠି ହୁଅ, ଜଣେ ଅନ୍ୟ ପାଇଁ ଅପେକ୍ଷା କର ।" ହେ ପରମେଶ୍ୱର, ଯଦି ଏହି ମଣ୍ଡଳୀରେ, କୌଣସିଠାରେ ଏକ ପାପ ବିଷୟ ଅଛି, ମୁଁ ପ୍ରାର୍ଥନା କରେ ଯେ ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ସେହି ପୁରୁଷକୁ ତାଙ୍କ ପାପରୁ, କିମ୍ଵା ସେହି ସ୍ତ୍ରୀକୁ, ପୁଅକୁ କିମ୍ଵା ଝିଅକୁ ତାହାଠାରୁ ଅଲଗା କରି ଦେବ । ଏବଂ, ପିତା, ମୁଁ ନିଜ ପାଇଁ ପ୍ରାର୍ଥନା କରେ, ଯେ ତୁମେ ମୋତେ ପ୍ରତ୍ୟେକ ସନ୍ଦେହ, ପ୍ରତ୍ୟେକ ପାପ, ପ୍ରତ୍ୟେକ ଅବିଶ୍ଵାସରୁ ପୃଥକ କରିବ, ଏପରି କିଛି ଯାହା ବି... ଆମେମାନେ ଜାଣୁ ଯେ ଅବିଶ୍ଵାସ ପାପ ଅଟେ । ତାହାହିଁ ଏକମାତ୍ର ପାପ ଯାହାକି ସେଠାରେ ଅଟେ । "ଯିଏ ବିଶ୍ଵାସ କରେ ନାହିଁ ସେ ଆଗରୁ ନିନ୍ଦିତ କରା ଯାଇଅଛି ।" ଏବଂ ଏକମାତ୍ର ପାପ

ଯାହାକି ସେଠାରେ ଅଛି, ତାହା ହେଉଛି ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ ନ କରିବା । ଏବଂ, ପିତା, ଯଦି ମୋ ଭିତରେ କୌଣସି ଅବିଶ୍ୱାସ ଅଛି, ହେ ପରମେଶ୍ୱର, ମୋତେ କ୍ଷମା କର, ଯାହାକି ସେଠାରେ ବହୁତ ଅଛି, ଏବଂ ମୁଁ ପ୍ରାର୍ଥନା କରେ ଯେ ତୁମେ ମୋତେ କ୍ଷମା କର । ଆଜି ରାତି ତୁମେ ମୋତେ ଦେଇଥିବା ମୋର ମଣ୍ଡଳୀକୁ କ୍ଷମା କର, ଏବଂ ସେମାନଙ୍କୁ ବାକ୍ୟରେ ପରିପୋଷିତ କର । ଏହାକୁ ପ୍ରଦାନ କର ।

130 ଏବଂ ଯେତେବେଳେ ଆମେମାନେ ତାହାଙ୍କର ସେହି ଭଗ୍ନ ଶରୀରର ଏହି ଛୋଟ ସ୍ମୃତିଗୁଡିକ ଗ୍ରହଣ କରୁଅଛୁ ଯାହାଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରାଯାଇଅଛି ଏବଂ ଆମ ମଧ୍ୟରେ ଚିରଦିନ ପାଇଁ ଜୀବିତ ରହିଛନ୍ତି, ଏହା ହେଉ ଯେ ହେ ପ୍ରଭୁ, ଆମେମାନେ ତାହାଙ୍କଠାରୁ ପ୍ରଭୁଭୋଜକୁ, ପବିତ୍ରଆତ୍ମାଙ୍କର ସେହି ସହଭାଗିତାକୁ ଗ୍ରହଣ କରୁ । ପିତା, ଏହାକୁ ପ୍ରଦାନ କର । ଆମେ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

131 ତେବେ, ଆପଣମାନେ ଯେଉଁମାନଙ୍କୁ ନିଶ୍ଚିତ ଭାବରେ ଯିବାକୁ ଅଛି ଏବଂ ପ୍ରାୟଃ ପନ୍ଦର-ମିନିଟର ପ୍ରଭୁଭୋଜ ସେବା ପାଇଁ ରହିପାରନ୍ତି ନାହିଁ...ଆମମାନଙ୍କ ମଧ୍ୟରେ ସେପରି ଅନେକ ଲୋକମାନେ ନାହାଁନ୍ତି, ଏବଂ ଆମେମାନେ ପ୍ରଭୁଭୋଜ ଗ୍ରହଣ କରିବା । ଏହା ଏକ ବନ୍ଦ ପ୍ରଭୁଭୋଜ ନୁହେଁ । ଏହା ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟେକ ଖ୍ରୀଷ୍ଟିଆନ ବିଶ୍ୱାସୀଙ୍କ ପାଇଁ ଅଟେ । ପରମେଶ୍ୱର ବାପ୍‌ଟିଷ୍ଟ ଏବଂ ମେଥୋଡିଷ୍ଟ, ଏବଂ ଅନ୍ୟମାନଙ୍କ ମଧ୍ୟରେ ପାର୍ଥକ୍ୟ ରେଖା ଟାଣନ୍ତି ନାହିଁ । ଆମେମାନେ ସମସ୍ତେ, ଗୋଟିଏ ଆତ୍ମା ଦ୍ୱାରା, ଗୋଟିଏ ଶରୀରରେ ବାପ୍ତିଜିତ ଅଟୁ, ଏବଂ ଆମେମାନେ ପରମେଶ୍ୱରଙ୍କ ରାଜ୍ୟର ନାଗରିକ ଅଟୁ । ଏବଂ ଯଦି ଆମମାନଙ୍କ ମଧ୍ୟରେ ଏପରି କେହି ଅଛନ୍ତି ଯିଏକି ଅପରିଚିତ ଅଟନ୍ତି, ମୁଁ ଏଠାରେ ସେତିକି ଅଧିକ କିଛି ନୁହେଁ, ଏବଂ ଜାଣେ ନାହିଁ ଯେ କିଏ ସଦସ୍ୟ ଅଟନ୍ତି ଏବଂ କିଏ ନୁହଁନ୍ତି । ମନେରଖନ୍ତୁ, ଯାଏ ଆସେ ନାହିଁ ଯେ ଆପଣ କେଉଁ ମଣ୍ଡଳୀର ଅଟନ୍ତି, ଏହାର ତାହା ସହିତ କୌଣସି ସମ୍ପର୍କ ନାହିଁ । ସେଠାରେ ଯାହା ବି ହେଉ, କେବଳ ଗୋଟିଏ ମଣ୍ଡଳୀ ଅଛି, ଏବଂ ଆପଣ ସେଥିରେ ଯୋଗ କରନ୍ତି ନାହିଁ, ଆପଣ ସେଥିରେ ଜନ୍ମଗ୍ରହଣ କରିଥାଆନ୍ତି । ତାହା ଠିକ୍ ଅଟେ । ଏବଂ ଆପଣ ପରମେଶ୍ୱରଙ୍କ ଏହି ମଣ୍ଡଳୀରେ ଜନ୍ମ ଗ୍ରହଣ କରନ୍ତି । ଏବଂ ଆମେମାନେ ପ୍ରାର୍ଥନା କରୁଅଛୁ ଯେ ଆପଣ ଆଜି ରାତିରେ ଖ୍ରୀଷ୍ଟଙ୍କୁ ଗ୍ରହଣ କରିବ, ତାହାଙ୍କ ସହିତ ସହଭାଗିତା କରିବେ ଯେତେବେଳେକି ଆମେ ତାହାଙ୍କର ଭଗ୍ନ ଶରୀରକୁ, ଏବଂ ନିସ୍ତାରପର୍ବର, ଏହି ଛୋଟ ଛୋଟ ଉପାଦାନଗୁଡିକ ଯାହାକି ଆମେମାନେ ଗ୍ରହଣ କରିଥାଉ ସ୍ମରଣ କରୁ, ଏବଂ ଏହା ହେଉ ଯେ ପରମେଶ୍ୱର ଆମର ହୃଦୟଗୁଡିକୁ ଏବଂ ବିବେକକୁ ରକ୍ତରେ ଛିଞ୍ଚି ଦିଅନ୍ତୁ ।

132 ତେବେ ସେମାନେ ପ୍ରଭୁଭୋଜକୁ ନେଇ ଆସିବେ, ଏବଂ ଆମେମାନେ ବର୍ତ୍ତମାନ ପ୍ରଥମ କରିନ୍ଥୀୟ, ତାର 12ଶ ପର୍ବରୁ ପାଠ କରିବା । ଏବଂ ଆମେମାନେ ଏହା ପରେ ସଙ୍ଗେ ସଙ୍ଗେ ପ୍ରଭୁଭୋଜ ଗ୍ରହଣ କରିବାକୁ ଯାଉଅଛୁ, ଏବଂ ଆମେମାନେ ବିଶ୍ୱାସ କରୁ ଯେ ପରମେଶ୍ୱର ଆପଣମାନଙ୍କୁ ପ୍ରଚୁର ଭାବେ ଆଶୀର୍ବାଦ କରିବେ । ତାହାପରେ ଆମେମାନେ ଏହାକୁ ପଢିବା

ମାତ୍ରେ, କିମ୍ବା ଆମେ ଏହାକୁ ପାଠ କରିବା ପୂର୍ବରୁ, ଯଦି ଆପଣମାନଙ୍କୁ ଯିବାକୁ ଅଛି, ତେବେ, ଆପଣମାନେ ସହଜରେ ବାହାରକୁ ଯାଇପାରନ୍ତି । ଏବଂ ତାହାପରେ ପୁନର୍ବାର ବୁଧବାର ରାତିରେ, ଏବଂ ରବିବାର ସକାଳ ଓ ରବିବାର ରାତିରେ ଆମ ସହିତରେ ରୁହନ୍ତୁ । ଯଦି ଆପଣମାନେ ଆମ ସହିତ ପ୍ରଭୁଭୋଜ ନେବା ପାଇଁ ରହିପାରନ୍ତି, ତେବେ ଆପଣମାନେ ଏହା କରିବା ହେତୁ ଆମେମାନେ ବହୁତ ଖୁସି ହେବୁ । ତେବେ ତତକ୍ଷଣାତ୍ ହିଁ ତାହା ପରେ, ପ୍ରଭୁଙ୍କର ହେବ...ବାପ୍ତିସ୍ମ ସେବା ହେବ, ଯାହାକି ପ୍ରାୟଃ ପନ୍ଦର ମିନିଟ ଭିତରେ ହେବ, କିମ୍ବା ବହୁତ ଅଧିକ ହେଲେ କୋଡ଼ିଏ ମିନିଟ୍, ମୁଁ ଭାବୁଛି । ପ୍ରଥମ କରିନ୍ଥୀୟ, ତାର ୧୧ଶ ପର୍ବ, ୨୩ତମ ପଦ ।

*...ମୁଁ ପ୍ରଭୁଙ୍କଠାରୁ ପାପ୍ତ ଯେଉଁ ଶିକ୍ଷା ତୁମ୍ଭମାନଙ୍କୁ ପ୍ରଦାନ କରିଅଛି, ତାହା ଏହି ଶତ୍ରୁହସ୍ତରେ ସପର୍ପିତ ହେବା ରାତ୍ରିରେ...ପ୍ରଭୁ ଯୀଶୁ ରୋଟୀ:*

*ଘେନି ଧନ୍ୟବାଦ ଦେଇ, ତାହା ଭାଙ୍ଗି,...କହିଲେ, ନିଅ ଓ ଭୋଜନ କର: ଏହା ତୁମ୍ଭମାନଙ୍କ ନିମନ୍ତେ ମୋହର ଶରୀର, ଯାହା ତୁମ ପାଇଁ ଭଗ୍ନ କରାଯାଇଛି: ମୋତେ ସ୍ମରଣ କରିବା ନିମନ୍ତେ ଏହା କର ।*

*ସେହିପରି ଭୋଜନ ଉତ୍ତାରେ, ସେ ପାନପାତ୍ର ମଧ୍ୟ ଘେନି, କହିଲେ, ଏହି ପାନପାତ୍ର ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ: ତୁମ୍ଭେମାନେ ଯେତେଥର ଏଥିରୁ ପାନ କର, ସେତେଥର ମୋତେ ସ୍ମରଣ କରିବା ନିମନ୍ତେ, ଏହା କର ।*

*କାରଣ ଯେତେଥର ତୁମ୍ଭେମାନେ ଏହି ରୋଟୀ ଭୋଜନ କର, ଓ ଏହି ପାନପାତ୍ରରୁ ପାନ କର, ସେତେଥର ତୁମ୍ଭେମାନେ ପ୍ରଭୁଙ୍କ ଆଗମନ ପର୍ଯ୍ୟନ୍ତ ତାହାଙ୍କ ମୃତ୍ୟୁକୁ ପ୍ରଚାର କରୁଅଛ ।*

*ଅତଏବ ଯେକେହି, ଅଯୋଗ୍ୟ ଭାବରେ...ଏହି ରୋଟୀ ଭୋଜନ କରେ, କିମ୍ବା ଏହି ପାତ୍ରରୁ ପାନ କରେ, ସେ ପ୍ରଭୁଙ୍କ ଶରୀରର ଓ ରକ୍ତର ଦାୟୀ ହେବ ।*

*କିନ୍ତୁ ମନୁଷ୍ୟ ଆପଣାକୁ ପରୀକ୍ଷା କରୁ, ଆଉ ସେହିପରି ଭାବେ ଏହି ରୋଟୀ ଭୋଜନ କରୁ, ଓ ଏହି ପାତ୍ରରୁ ପାନ କରୁ ।*

*କାରଣ ଯେ ପ୍ରଭୁଙ୍କ ଶରୀରକୁ ବିଶେଷ ନ ମଣି, ଭୋଜନ କରେ ଓ ପାନ କରେ, ସେ ଆପଣା ଦଣ୍ଡ ନିମନ୍ତେ ଭୋଜନ କରେ ଓ ପାନ କରେ ।*

*ଏହିହେତୁ ତୁମ୍ଭମାନଙ୍କ ମଧ୍ୟରେ ଅନେକେ ଦୁର୍ବଳ ଓ ପୀଡିତ,...ଅନେକେ ମହାନିଦ୍ରାପ୍ରାପ୍ତ ଅଟନ୍ତି ।*

*କିନ୍ତୁ ଯଦି ଆମ୍ଭେମାନେ ଆପଣା ଆପଣାର ବିଚାର କରନ୍ତୁ, ତେବେ ବିଚାରିତ ହେଉ ନ ଥାଆନ୍ତୁ ।*

*ଆଉ ଜଗତ ସହିତ ଯେପରି ଦଣ୍ଡାଜ୍ଞା ପ୍ରାପ୍ତ ନ ହେଉ, ଏଥି ନିମନ୍ତେ ପ୍ରଭୁଙ୍କ ଦ୍ୱାରା ବିଚାରିତ ହୋଇ, ଆମ୍ଭେମାନେ ଶାସ୍ତି ଭୋଗ କରୁଅଛୁ ।*

*ଅତଏବ, ମୋହର ଭାଇମାନେ, ତୁମ୍ଭେମାନେ ଭୋଜନ କରିବା ନିମନ୍ତେ ସମବେତ ହେବା ସମୟରେ ପରସ୍ପର ପାଇଁ ଅପେକ୍ଷା କର ।*

133 ତେବେ, ଆମ ସମସ୍ତଙ୍କ ପାଇଁ ଗୋଟିଏ କ୍ଷଣ ନିରବ ପ୍ରାର୍ଥନା କରିବା, ମୁଁ ଆପଣମାନଙ୍କ ପାଇଁ ପ୍ରାର୍ଥନା କରୁଥିବାବେଳେ ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ [ଭାଇ ବ୍ରାନହାମ୍ ସୂକ୍ଷ୍ମ ଭାବରେ ପ୍ରାର୍ଥନା କରନ୍ତି—ସମ୍ପା ।]…?…

ସର୍ବଶକ୍ତିମାନ ପରମେଶ୍ୱର, ଏହି ଅନୁରୋଧଗୁଡ଼ିକୁ ପ୍ରଦାନ କର । ଆମମାନଙ୍କର ଅପରାଧଗୁଡିକ ପାଇଁ ଆମକୁ କ୍ଷମା କର ଯେତେବେଳେକି ଆମେ ସେମାନଙ୍କୁ କ୍ଷମା କରୁ ଯେଉଁମାନେକି ଆମ ବିରୁଦ୍ଧରେ ଅପରାଧ କରିଥାଆନ୍ତି । ଏହା ଆମେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ମାଗୁଅଛୁ । ଆମେନ୍ ।

134 ଏହି ଛୋଟ ଛୋଟ ଖଣ୍ଡଗୁଡିକ ଯାହାକି କୌଣସି ଘିଅ, କୌଣସି ମସଲା, ଏବଂ ଅନ୍ୟ କୌଣସି ଇତ୍ୟାଦି ବିନା ସେହି କୋଶର ରୁଟି ତିଆରି ହୋଇଅଛି, ଯାହା ପ୍ରଭୁଙ୍କ ଶରୀରକୁ ନିଦର୍ଶିତ କରେ । ଏହା ଗୋଲାକାର ନୁହେଁ, ଏହା ସମସ୍ତ ଖଣ୍ଡରେ ଭଙ୍ଗା ଯାଇଅଛି । ଏହାର କାରଣ ହେଉଛି ଯେ ଏହାର ଅର୍ଥ ହେଲା ତାହାଙ୍କର ଭଗ୍ନ ଶରୀର ଯାହାକି ଆମ ପାଇଁ ଭଙ୍ଗା ଯାଇଥିଲା । ଏବଂ ଏହାକୁ ଖାଉଥିବା ସମସ୍ତଙ୍କ ଉପରେ ପରମେଶ୍ୱର ତାହାଙ୍କର ଆଶୀର୍ବାଦକୁ ପ୍ରଦାନ କରନ୍ତୁ । ତେବେ, ଏହା ସେହି ଶରୀର ନୁହେଁ, ଏହା ତ କେବଳ ସେହି ଶରୀରକୁ ନିଦର୍ଶିତ କରେ । ମୋ ଠାରେ କୌଣସି ଶକ୍ତି ନାହିଁ, କାହାରି ପାଖରେ ବି ନାହିଁ, ଯେ ଏହାକୁ ରୁଟି ବ୍ୟତୀତ ଅନ୍ୟ କିଛି କରି ଦେବେ । କେବଳ ପରମେଶ୍ୱରଙ୍କ ପାଖରେ ଅଛି । ଏବଂ ତାହାହିଁ ଅଟେ ଯାହାକି ସେ ଆମକୁ କହିଅଛନ୍ତି, ଯେ ଏହି ରୁଟିକୁ ଖାଆନ୍ତୁ ଏବଂ ଏହି ଦ୍ରାକ୍ଷାରସର ପାନପାତ୍ରରୁ ପିଅନ୍ତୁ । ତେବେ ଆସନ୍ତୁ ଆମେମାନେ ଆମର ମସ୍ତକଗୁଡିକୁ ନତ କରିବା ।

135 ଅତି ପବିତ୍ର ପରମେଶ୍ୱର, ଯାହାଙ୍କର ସେବକ ଆମେମାନେ ଅଟୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହି ରୁଟିକୁ ଏହାର ଉଦ୍ଦିଷ୍ଟ ବ୍ୟବହାର ପାଇଁ ପବିତ୍ର କର, ଯେପରିକି ଆମମାନଙ୍କୁ ପ୍ରସ୍ତୁତ କରେ, ଯେତେବେଳେକି ଆମେ ଏହାକୁ ଗ୍ରହଣ କରୁ, ତାହା ମନେ ରଖୁ ଯେ ଆମର ପ୍ରଭୁ କ୍ରୁଶାର୍ପିତ ହୋଇଥିଲେ; ଏବଂ ତାହାଙ୍କର ଶରୀର, ମୂଲ୍ୟବାନ ଏବଂ ପବିତ୍ର ଯାହାକି ଏହା ଅଟେ, ତାହା ଆମ ପାଇଁ, ଆଘାତ, କଣ୍ଟା ଏବଂ କଣ୍ଟକରେ ମିଶ୍ରିତ ହୋଇଥିଲା, ଯେପରିକି ତାହାଙ୍କର କ୍ଷତ ବିକ୍ଷତ ଶରୀର ଦ୍ୱାରା ଆମ୍ଭ ଆସିଥାଆନ୍ତି ଯାହାକି ଆମକୁ ଅନନ୍ତ ଜୀବନ ପ୍ରଦାନ କରିଥାଏ । ଏହା ହେଉ ଯେ ଆମେମାନେ, ହେ ପ୍ରଭୁ, ଯେତେବେଳେ ଆମେ ଏହାକୁ ଭୋଜନ କରୁ, ଯାତ୍ରା ନିମନ୍ତେ ଅନୁଗ୍ରହକୁ ପାଉ, ଯେପରିକି ଇସ୍ରାଏଲର ପ୍ରାନ୍ତରରେ ଚାଳିଶ ବର୍ଷ ନିମନ୍ତେ ପାଇଥିଲା, ଏବଂ ସେମାନଙ୍କ ମଧ୍ୟରେ ଜଣେ ହେଲେ କେହି ଦୁର୍ବଳ ନ ଥିଲେ । ପିତା ପରମେଶ୍ୱର, ଏହାକୁ ପ୍ରଦାନ କର, ଯେତେବେଳେ ଆମେମାନେ ପ୍ରାର୍ଥନା କରୁଅଛୁ ତୁମେ ଏହି ରୁଟିକୁ, କୋଶର ରୁଟିକୁ, ଏହାର ଉଦ୍ଦିଷ୍ଟ ବ୍ୟବହାର ପାଇଁ ପବିତ୍ର କରିବ । ଯୀଶୁଙ୍କ ନାମରେ । ଆମେନ୍ ।

136 ନୂତନ ନିୟମର ପାନପାତ୍ର, ସେହି ରକ୍ତ । ମୁଁ ସେହି ଗୀତ ବିଷୟରେ ଭାବୁଅଛି:

ଯେବେଠାରୁ ବିଶ୍ୱାସ ଦ୍ୱାରା ମୁଁ ସେହି ନିର୍ଝରକୁ ଦେଖିଲି
ତୁମର ପ୍ରବାହିତ କ୍ଷତ ଯୋଗାଉଥାଏ,
ମୁକ୍ତିକାରକ ପ୍ରେମ ମୋର ମୂଳ ବିନ୍ଦୁ ରହିଅଛି,
ଏବଂ ମୋର ମରିବା ପର୍ଯ୍ୟନ୍ତ ରହିବ ।

137 ଯେତେବେଳେ ମୁଁ ଏହି ରକ୍ତ, ଦ୍ରାକ୍ଷାଫଳ, ଦ୍ରାକ୍ଷାଫଳର ରକ୍ତ ଦେଖିଥାଏ, ମୁଁ ଜାଣେ ଯେ ଏହା ପ୍ରଭୁ ଯୀଶୁଙ୍କ ଶରୀରରୁ ବାହାରୁଥିବା ରକ୍ତକୁ ନିଦର୍ଶିତ କରେ । ଯେକେହି ଏହାକୁ ଗ୍ରହଣ କରନ୍ତି ସେ ଅନନ୍ତ ଜୀବନ ପାଆନ୍ତୁ, ଅସୁସ୍ଥତା ସେମାନଙ୍କ ଶରୀରରୁ ଚାଲିଯାଉ, ହେଉ ଯେ କ୍ଲାନ୍ତ ଏବଂ ଦୁର୍ବଳତା, ଅତ୍ୟାଚାର, ଏହା ହେଉ ଯେ ଶୟତାନ (ପ୍ରତ୍ୟେକ ରୂପରେ) ସେମାନଙ୍କୁ ଛାଡି ଚାଲିଯାଉ, ଯେପରିକି ସେମାନେ ଅତ୍ୟଧିକ ଶକ୍ତି ଏବଂ ସ୍ୱାସ୍ଥ୍ୟ ଏବଂ ଅନନ୍ତ ଜୀବନ ପାଇପାରିବେ, ଯେପରିକି ପରମେଶ୍ୱରଙ୍କୁ ମହିମା ଦେବା ପାଇଁ, ଆମେ ରହୁଥିବା ଏହି ଦୁଷ୍ଟ ତଥା ବ୍ୟଭିଚାରକାରୀ ପୀଢ଼ୀ ସମ୍ମୁଖରେ ସେମାନଙ୍କର ପ୍ରକାଶକୁ ଆଲୋକିତ କରୁ ।

138 ସ୍ୱର୍ଗୀୟ ପିତା, ଆମେମାନେ ତୁମଠାରେ ଦ୍ରାକ୍ଷାଲତାର ଫଳ ଉପସ୍ଥାପନ କରୁଅଛୁ । ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏହାକୁ ପବିତ୍ର କର, ଯେପରିକି ତୁମର ପୁତ୍ର, ଯୀଶୁଙ୍କ ରକ୍ତକୁ ନିଦର୍ଶିତ କରେ, ଏଥିରେ ଆମକୁ ମିଳୁ, "ଆମର ଅପରାଧଗୁଡିକ ପାଇଁ କ୍ଷତବିକ୍ଷତ ହୋଇଅଛ, ତାହାଙ୍କ କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହୋଇଅଛୁ ।" ପ୍ରଭୁ, ଏହା ପ୍ରଦାନ କର, ଯେ ଆମ ପାଖକୁ ସେହି ଜୀବନ, ପ୍ରଚୁର ପରିମାଣରେ ଅନନ୍ତ ଜୀବନ ଆସିବ, ଯେପରିକି ଆମେମାନେ ତୁମକୁ ଆହୁରି ଉତ୍ତମ ଭାବେ ସେବା କରିବାକୁ ସମର୍ଥ ହୋଇପାରିବୁ, ଏବଂ ଆମକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ପାଇଁ ଶକ୍ତି ଏବଂ ସ୍ୱାସ୍ଥ୍ୟ ପାଇପାରିବୁ, ଯେଉଁ ସ୍ଥାନକୁ ବି ତୁମେ ଆମକୁ ଡାକିବ । ଯୀଶୁଙ୍କ ନାମରେ, ଏହି ଆଶୀର୍ବାଦଗୁଡିକୁ ପ୍ରଦାନ କର, ଆମେ ପ୍ରାର୍ଥନା କରୁଅଛୁ । ଆମେନ୍ ।

62-0204 ପ୍ରଭୁଭୋଜ

ବ୍ରାନ୍‌ହାମ୍ ଟାବର୍ନେକଲ

ଜେଫର୍ସନ୍‌ଭିଲେ, ଇଣ୍ଡିୟାନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।
ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

Voice Of God Recordings, India Office

19 (New No: 28) Shenoy Road, Nungambakkam

Chennai 600 034, India

044 28274560 • 044 28251791

india@vgroffice.org

Voice Of God Recordings

P.O. Box 950, Jeffersonville, Indiana 47131 U.S.A.

www.branham.org